CMYK



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୪ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 MARCH 2025
Vol.No. 36 ■ No.78 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

## ମାର୍ଚ୍ଚ ୨୬ରେ ଶପଥ ନେବେ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି



କଟକ, ୨୩/୩ (ନି.ପ୍ର): ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ମାର୍ଚ୍ଚ ୨୬ ତାରିଖ ପୂର୍ବାହ୍ଣ ୧୦ଟାରେ ଶପଥ ଗ୍ରହଣ କରିବେ। ଓଡ଼ିଶାର ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମପଟି ନବନିଯୁକ୍ତ ମୁଖ୍ୟ ବିଚାରପତିଙ୍କୁ ଶପଥ ଗ୍ରହଣ କରାଇବେ। ▶▶ପୃଷ୍ଠା ୭

# ପାକିସ୍ତାନରେ ସେନା ଓ ସରକାରଙ୍କ ମଧ୍ୟରେ ଲଢ଼େଇ



ନୂଆଦିଲ୍ଲୀ, ୨୩/୩ : ପାକିସ୍ତାନରେ ଅସ୍ଥିରତା । ଆତଙ୍କବାଦ, ବୋମା ବିସ୍ଫୋରଣ, ଅଜ୍ଞାତ ବନ୍ଧୁକଧାରୀଙ୍କ ଆକ୍ରମଣ ଏବଂ ବୃଦ୍ଧି ପାଉଥିବା ଦାରିଦ୍ର୍ୟତା ସମଗ୍ର ଦେଶକୁ ସଙ୍କଟରେ ପକାଇଛି । ଅନ୍ୟପଟେ ବଲୁଚିସ୍ତାନ ଲିବରେସନ ଆର୍ମିର ବର୍ଦ୍ଧିତ ଆକ୍ରମଣ ସରକାର ଏବଂ ସେନା ଉଭୟଙ୍କ ନିଦ ହଜାଇ ଦେଇଛି। ତେବେ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ପାଇଁ ସୁରକ୍ଷା ଚ୍ୟାଲେଞ୍ଜ ରହିଛି। କିନ୍ତୁ ଏବେ ଏହି ପ୍ରସଙ୍ଗ କେବଳ ଆତଙ୍କବାଦ ପର୍ଯ୍ୟନ୍ତ ସୀମିତ ନାହିଁ। ପାକିସ୍ତାନରେ ଏକ ବିଦ୍ରୋହର ଗୁଞ୍ଜରଣ ଆରମ୍ଭ ହେଲାଣି । କାରଣ ସରିଫ ସରକାରଙ୍କୁ ଆର୍ମି ମୁଖ୍ୟ ମୁନିର ଦୁର୍ବଳ କହିବା ପରେ ସଙ୍କେତ ମିଳିଛି କି ପାକିସ୍ତାନ ସରକାର ଓ ସେନା ମଧ୍ୟ କିଛି ଠିକ ନାହିଁ । ଦେଶର ସୁରକ୍ଷାକୁ ନେଇ ନିକଟରେ ଏକ ବୈଠକରେ ସରିଫ ଓ ମୁନୀର ମୁହାଁମୁହିଁ ସହ ସେମାନଙ୍କ ମଧ୍ୟରେ କଥାକଟାକଟି ହୋଇଥିବା ସୂଚନା ମିଳିଛି । ପାକିସ୍ତାନରେ କ୍ଷମତା ପାଇଁ ଲଢ଼େଇ। ପାକିସ୍ତାନର ସୁରକ୍ଷା ପ୍ରସଙ୍ଗରେ ବସିଥିଲା ବୈଠକ। ବୈଠକରେ ସରକାର ଓ ସେନା ମଧ୍ୟରେ କଥା କଟାକଟି ସୂଚନା। ସେହେବାଜ ସରିଫଙ୍କୁ ଦାୟୀ କରିଥିଲେ ଆର୍ମି ମୁଖ୍ୟ ମୁନିର । ଦୁର୍ବଳ ଶାସନ ଯୋଗୁ ପାକିସ୍ତାନ ସଙ୍କଟରେ ପଡ଼ିଥିବା ଅଭିଯୋଗ। କେତେ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଚାଲିବ ବୋଲି ଆର୍ମି ମୁଖ୍ୟ ପ୍ରଶ୍ନ କରିଥିଲେ ।ପାକିସ୍ତାନକୁ ଏକ 'ମଜଭୂତ ରାଷ୍ଟ୍ର' କରିବା ଆବଶ୍ୟକ । ଏଥିପାଇଁ କଠୋର ପ୍ରଶାସନ ଆବଶ୍ୟକ। ସରିଫଙ୍କୁ ଦୁର୍ବଳ ପ୍ରଧାନମନ୍ତ୍ରୀ ପ୍ରମାଣିତ କରିବାକୁ ମୁନୀର ଚେଷ୍ଟା କରୁଥିବା ଚର୍ଚ୍ଚା। ମୁନିର ସରକାରଙ୍କ ବିଫଳତାକୁ ଦର୍ଶାଇ ସାମରିକ ହସ୍ତକ୍ଷେପ ଚାହୁଁଛନ୍ତି। ବିଏଲଏ ଦ୍ୱାରା ବଢ଼ିଥିବା ଆକ୍ରମଣ ବାହାନାରେ, ସେନା ସରକାରଙ୍କୁ ଦୋଷ ଦେବା ଆରମ୍ଭ କରିଛି।

## ସୋସିଆଲ ମିଡ଼ିଆରେ ଚର୍ଚ୍ଚା ବଢ଼ାଇଲା ଅରୁଣ ବୋଥ୍ରାଙ୍କ ପୋଷ୍ଟ




ଭୁବନେଶ୍ୱର, ୨୩/୩ (ନି.ପ୍ର): ପୂର୍ବତନ କ୍ରାଇମବ୍ରାଞ୍ଚ ଆଇଜି ତଥା ଆଇପିଏସ ଅରୁଣ ବୋଥ୍ରାଙ୍କ ସୋସିଆଲ୍ ମିଡିଆ ପୋଷ୍ଟକୁ ନେଇ ବଢ଼ିଲା ଚର୍ଚ୍ଚା । ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ମାମଲାରେ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତିଙ୍କୁ କ୍ଲିନ୍ ଚିଟ୍ ମିଳିବା ପରେ ଅରୁଣ 'ଢ' ରେ ଏକ ପୋଷ୍ଟ କରିଛନ୍ତି । ଜାତୀୟ ଗଣମାଧ୍ୟମର ଖବରକୁ ରିପୋଷ୍ଟ କରି ବୋଥ୍ରା ଲେଖିଛନ୍ତି, ଚାରି ବର୍ଷ ପୂର୍ବେ, ମୁମ୍ବାଇ ପୋଲିସକୁ ଅନେକ ଟିଭି ଆଙ୍କର ଓ ଅଗଣିତ ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ଭିତ୍ତିହୀନ ଅଭିଯୋଗ ସହ ନିନ୍ଦିତ କରାଯାଇଥିଲା। ହେଲେ ଏବେ, ଏହା ସ୍ପଷ୍ଟ ଯେ ପୋଲିସ୍ ବୃତ୍ତିଗତ ଭାବେ ନିଜର ତଦନ୍ତ କରିଥିଲା । ଅପରାଧ ତଦନ୍ତ ବିଷୟରେ କୌଣସି ଧାରଣା ନଥିବା ଲୋକମାନେ ମିଛ ▶▶ପୃଷ୍ଠା ୭

# ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ



ଭୁବନେଶ୍ୱର, ୨୩/୩ (ନି.ପ୍ର): ଆସନ୍ତାକାଲି ରାଷ୍ଟ୍ରପତିଙ୍କ ନୟାଗଡ଼ ଗସ୍ତ । କଣ୍ଟିଲୋରେ ପ୍ରଭୁ ନୀଳମାଧବଙ୍କ ଦର୍ଶନ କରିବା ପରେ ସ୍ଥାନୀୟ କାଳିଆପଲ୍ଲୀ ଗାଁରେ ଏକ ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ନଜରରେ ରଖି ନୀଳମାଧବଙ୍କ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । କାଳିଆପଲ୍ଲୀ ଗାଁରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପଶ୍ଚିମଦ୍ୱାର ଦେଇ ପ୍ରଭୁ ନୀଳମାଧବଙ୍କ ଦର୍ଶନ କରିବେ ମହାମହିମ । ସେଥିପାଇଁ ମନ୍ଦିରରେ ରଙ୍ଗ ଦିଆଯାଇଛି । ପଶ୍ଚିମ ଦ୍ୱାର ସଂଲଗ୍ନ ରାସ୍ତାକୁ ନୂଆ ରୂପ ଦିଆଯାଉଛି । ଲିଫ୍ଟକୁ କାର୍ଯ୍ୟକ୍ଷମ କରାଯାଇଛି ।

# ବିଧାନସଭା ଅଧିବେଶନ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ: ବିଜେପି ଶିବିରରେ ଚାଲିଛି ମାନସମନ୍ଥନ



ଭୁବନେଶ୍ୱର, ୨୩/୩ (ନି.ପ୍ର): ମୋହନ ମାଝୀଙ୍କ ମନ୍ତ୍ରିମଣ୍ଡଳରେ ଏବେ ୬ଟି ମନ୍ତ୍ରୀ ପଦ ଖାଲିପଡିଛି । ଏହି ମନ୍ତ୍ରୀ ପଦ ଲାଗି କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟ ନେତୃତ୍ୱଙ୍କ ସହ ଘନ ଘନ ବୈଠକ କରୁଛନ୍ତି । କେଉଁ ଆଧାରରେ ଏବଂ କାହାକୁ ଅଗ୍ରାଧିକାର ଦିଆଯାଇ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବ, ସେ ନେଇ ମାନସ ମନ୍ଥନ ଚାଲିଛି । କୁହାଯାଉଛି ପ୍ରତି ସଂସଦୀୟ କ୍ଷେତ୍ରରୁ ଜଣେ ଲେଖାଏଁ ବିଧାୟକଙ୍କୁ ମନ୍ତ୍ରୀ କରିବା ଯୋଜନା। ୮ଟି ସଂସଦୀୟ କ୍ଷେତ୍ର ବର୍ତ୍ତମାନ ମନ୍ତ୍ରୀଶୂନ୍ୟ ରହିଛି । ଅଭିଜ୍ଞ ଓ ବରିଷ୍ଠଙ୍କୁ ଦିଆଯାଇପାରେ ଅଗ୍ରାଧିକାର। କିଛି ନେତାଙ୍କ ମାନଭଞ୍ଜନ କରିବାକୁ ଦିଆଯାଇପାରେ ମନ୍ତ୍ରୀପଦ। ମନ୍ତ୍ରିମଣ୍ଡଳ ନେଇ ବାରମ୍ବାର ବୈଠକ ଭିତରେ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପୁଣି ଏକ ଗୁରୁତ୍ୱପୁର୍ଣ୍ଣୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ ଓଡ଼ିଶା ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସହ ଆଲୋଚନା କରିଛନ୍ତି । ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପି ରାଜ୍ୟ ପ୍ରଭାରୀ ଏବଂ ସଂଗଠନ ମହାମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । କୁହାଯାଉଛି, ବୈଠକରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ▶▶ପୃଷ୍ଠା ୭

# ତୁଟିବ କି ମହାନଦୀ ବିବାଦ ?: ଟ୍ରିପଲ ଇଞ୍ଜିନ ସରକାର ଉପରେ ଭରସା



ଭୁବନେଶ୍ୱର, ୨୩/୩ (ନି.ପ୍ର): କେନ୍ଦ୍ରରେ ବିଜେପି, ଛତିଶଗଡରେ ବିଜେପି, ଓଡିଶାରେ ବିଜେପି । ମହାନଦୀର ବିବାଦର ଭବିଷ୍ୟତ ଏବେ ଏହି ଟ୍ରିପଲ ଇଞ୍ଜିନ ସରକାରଙ୍କ ହାତରେ । ଶନିବାର ଦିନ ଲୋକସେବା ଭବନରେ ଛତିଶଗଡ -ଓଡିଶା ମୁଖ୍ୟମନ୍ତ୍ରୀ ମହାନଦୀ ବିବାଦର ସମାଧାନ ନେଇ ନୂଆ ଆଶା ଦେଖାଇଛନ୍ତି । କିନ୍ତୁ ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ-ସତରେ କ'ଣ ଆନ୍ତରିକତାର ସହ ଦୀର୍ଘଦିନର ବିବାଦର ସମାଧାନ ହେବ । ଓଡିଶା କଥା ରଖିବ କି ଛତିଶଗଡ ? ଓଡ଼ିଶା କଥା ରଖିଲେ ଛତିଶଗଡ ସରକାର ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହେବେନି ତ ? କେନ୍ଦ୍ର କାହା କଥା ଶୁଣିବ? କାମ ବନ୍ଦ କରିବ କି ଛତିଶଗଡ? ମହାନଦୀ ଜଳ ବିବାଦର ସମାଧାନ ନେଇ ଏବେ ଏମିତି କିଛି ପ୍ରଶ୍ନ ସାମ୍ନାକୁ ଆସିଛି । ଆଉ ଟ୍ରିପଲ ଇଞ୍ଜିନ କଥା କହି ମୋହନ ମାଝୀ ରାଜ୍ୟରେ ମାଷ୍ଟର ଷ୍ଟ୍ରୋକ୍ ଖେଳିଛନ୍ତି ।ମହାନଦୀର ଉପରମୁଣ୍ଡରେ ଛତିଶଗଡ କଳମା ବ୍ୟାରେଜ କରିସାରିଲାଣି। ଫଳରେ ଓଡିଶାରେ ମହାନଦୀ ଶୁଖିଲା ପଡିଲାଣି। ହୀରାକୁଦରେ ବି ଜଳସ୍ତର କମୁଛି। ▶▶ପୃଷ୍ଠା ୭

## ଛତିଶଗଡ଼ରେ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ: ବିଜାପୁରରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ ଯବାନ ଗୁରୁତର



ଛତିଶଗଡ଼, ୨୩/୩ : ପୋଲିସକୁ ପୁଣି ବଡ଼ ସଫଳତା । ବିଜାପୁର ଜିଲ୍ଲାରେ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ୬ ଜଣଙ୍କ ମୁଣ୍ଡ ଉପରେ ୧୧ ଲକ୍ଷ ଟଙ୍କା ଏବଂ ପାଞ୍ଚ ଜଣଙ୍କ ଉପରେ ୪ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ▶▶ପୃଷ୍ଠା ୭

## ସେକ୍ସଟର୍ସନ ଅଭିଯୋଗରେ ନାଇଜେରିଆ ନାଗରିକ ଗିରଫ

ଭୁବନେଶ୍ୱର, ୨୩/୩ (ନି.ପ୍ର): ସେକ୍ସଟର୍ସନ ଅଭିଯୋଗରେ ନାଇଜେରିଆର ଜଣେ ନାଗରିକଙ୍କୁ କମିଶନରେଟ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ନାଇଜେରିଆର ଜେଜେ ରେମନ୍। ସେ କଟକର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିବା ସହ ବ୍ଲାକମେଲ୍ କରି ଟଙ୍କା ମାଗୁଥିଲା । ଲକ୍ଷାଧିକ ଟଙ୍କା ନେବାପରେ ମଧ ବିଦେଶୀ ନାଗରିକ ଜଣକ ଆହୁରି ଟଙ୍କା ମାଗିଥିଲା । ହେଲେ ମହିଳା ବ୍ୟକ୍ତି ଟଙ୍କା ନଦେବାରୁ ତାଙ୍କ ଫଟୋ ଭିଡିଓକୁ ନାଇଜେରିଆର ନାଗରିକ ଜଣକ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲା । ଯାହାଫଳରେ ସେ ଆତ୍ମହତ୍ୟା କରିଥିଲେ । ପରିବାର ଲୋକ ଏନେଇ ଥାନାରେ ଅଭିଯୋଗ କରିବା ପରେ ଦିଲ୍ଲୀରୁ ଜେଜେ ରେମନ୍ କୁ ଗିରଫ କରିଛି କମିଶନରେଟ୍ ପୋଲିସ ।

ଏନେଇ କଟକ ଡିସିପି କହିଛନ୍ତି, ଗିରଫ ନାଇଜେରିଆ ନାଗରିକକୁ ରିମାଣ୍ଡରେ ଆଣିବୁ । ସେ ଏକାଧିକ ବ୍ୟକ୍ତିର ପରିଚୟ ଦେଇ ଠକେଇ କରିଛନ୍ତି । ନ୍ୟୁଜିଲାଣ୍ଡରୁ ମଧ ପେମେଂଟ ତାଙ୍କ ଆକାଉଂଟକୁ ଆସିଛି। ସେ ଆହୁରି କହିଛନ୍ତି ଯେ, ଅଭିଯୁକ୍ତଠୁ ୫ ମୋବାଇଲ୍ ଓ ୮ଟି ସିମ୍ ଜବତ କରିଛୁ । ଯଦି ଆଉ କେହି ଠକାମୀର ଶିକାର ହୋଇଛନ୍ତି ଜଣାଇପାରିବେ । ଅନେକ ଫେକ୍ ପ୍ରୋଫାଇଲ୍ ତା ମୋବାଇଲ୍ ରୁ ମିଳିଛି । ରିମାଣ୍ଡରେ ଆଣି ଅଧିକ ତଥ୍ୟ ବାହାର କରିବୁ ବୋଲି କଟକ ଡିସିପି କହିଛନ୍ତି ।

## ନାଗପୁରରୁ ହଟିଲା କର୍ଫ୍ୟୁ: ମାର୍ଚ୍ଚ ୩୦ରେ ଗସ୍ତକରିବେ ପ୍ରଧାନମନ୍ତ୍ରୀ



ନାଗପୁର ୨୩/୩: ନାଗପୁରରେ ହୋଇଥିବା ସାମ୍ପ୍ରଦାୟୀକ ହିଂସାର ୬ ଦିନ ପରେ ରବିବାର ସହରର ସବୁ ସ୍ଥାନରୁ କର୍ଫ୍ୟୁ ହଟାଇ ଦିଆଯାଇଛି। ତେବେ ପ୍ରଶାସନ ପକ୍ଷରୁ କୌଣସି ପ୍ରକାରର ଅପ୍ରିତିକର ପରିସ୍ଥିତି ନିମନ୍ତେ କଡ଼ା ନଜର ରଖାଯାଇଛି। ଗୁଡ଼ିପଡୱା ଉତ୍ସବ ପାଇଁ ମାର୍ଚ୍ଚ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ନାଗପୁର ଗସ୍ତ କରିବେ। ଏଣୁ ସହରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିବ। ପ୍ରଧାନମନ୍ତ୍ରୀ ଏହି ଗସ୍ତକାଳରେ ଆରଏସଏସ ମୁଖ୍ୟାଳୟକୁ ଯିବା ସହ ସଂଘ ମୁଖ୍ୟ ମୋହନ ଭାଗବତଙ୍କୁ ଭେଟି ପାରନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ଲଗାତାର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରୁଛନ୍ତି। ଗତ ସପ୍ତାହେ ହେଲା ଦଙ୍ଗାକୁ ନେଇ ଅନେକ ଏଫଆଇଆର ରୁଜୁ ହେଲାଣି ଓ ୧୦୦ରୁ ଅଧିକ ଲୋକେ ଗିରଫ ମଧ ହେଲେଣି। ୧୭ ମାର୍ଚ୍ଚ ହିଂସା ପରେ ସହର ପୋଲିସ ମୁଖ୍ୟ ଡା. ରବିନ୍ଦର ସିଂଘଲ କୌତବାଲୀ, ଗଣେଶ ପେଠ, ତହସିଲ, ଲକଡଗଞ୍ଜ, ପଚପାବଲୀ, ଶାନ୍ତିନଗର, ଶକ୍କରଦରା, ନନ୍ଦନବନ, ଇମାମବାଡା, ଯଶୋଧାରା ନଗର ଓ କପିଲ ନଗର ଥାନା ଅଞ୍ଚଳରେ କର୍ଫ୍ୟୁ ଜାରି କରିବାକୁ ଆଦେଶ ଦେଇଥିଲେ। ତେବେ ମାର୍ଚ୍ଚ ୨୦ ତାରିଖରେ ନନ୍ଦନବନ ଓ କପିଲ ନଗର ଥାନା ଅଞ୍ଚଳରୁ ତଥା ମାର୍ଚ୍ଚ ୨୨ ତାରିଖରେ ପଚପାବଲୀ, ଶାନ୍ତିନଗର, ଲକ୍କଡଗଞ୍ଜ, ଶକ୍କରଦରା ଓ ଇମାମବାଡା କ୍ଷେତ୍ରରୁ କର୍ଫ୍ୟୁ ହଟାଇ ଦିଆଯାଇଥିଲା। ଏଥିରେ ୨୩ ମାର୍ଚ୍ଚ ରବିବାର ▶▶ପୃଷ୍ଠା ୭

# ବୈଦିକ ଗୁରୁକୁଳ ଆଶ୍ରମର ୩୬ ତମ ବାର୍ଷିକ ମହୋତ୍ସବ ପାଳିତ



ରୂପସା, ୨୩/୩ (ନି.ପ୍ର): ରୂପସା ସ୍ଥିତ ପିଞ୍ଚାବଣିଆ ଗୁରୁକୁଳ ଆଶ୍ରମ ର ୩୬ ତମ ବାର୍ଷିକ ମହୋତ୍ସବ ଓ ଆର୍ଯ୍ୟ ସେବା ସଂଘର ଚତୁର୍ଥ ବାର୍ଷିକ ଉତ୍ସବର ଆଜି ଦ୍ୱିତୀୟ ଦିବସ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନ ମୁଖ୍ୟଅତିଥି ଭାବରେ ସଦଭାବନା ସମିତି ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼ାଇ, ମୁଖ୍ୟବକ୍ତା ଭାବେ ଶ୍ରୁତିନ୍ୟାସ ର ପ୍ରତିଷ୍ଠାତା ବୈଦିକ ବିଦ୍ୱାନ୍ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଶଙ୍କର୍ଷଣ ରଣା, ପଣ୍ତିତ ବୀରେନ୍ଦ୍ର କର, ଅପୂର୍ବ ଦେବ ଶର୍ମା। ଉପସ୍ଥିତ ରହିଥିଲେ। ଦ୍ୱିତୀୟ ଅଧିବେଶନ ରେ ମୁଖ୍ୟଅତିଥି ସମାଜସେବୀ ଅଞ୍ଜଳୀ ପଣ୍ଡା, ମୁଖ୍ୟବକ୍ତା ଭାବେ ଧ୍ୱନି ପ୍ରତିଧ୍ୱନି ଓ ସାଗରୀକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ସମ୍ମାନିତ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନି ର ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ ସୃଷ୍ଟିଧର ପରିଡ଼ା , ଶ୍ରୀଯୁକ୍ତ ବାସୁଦେବ ବେହେରା ପ୍ରମୁଖ ଯୋଗ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ନାରୀମାନେ ଆଧାତ୍ମିକ ଭାବନାରେ ଅନୁପ୍ରାଣିତ ହୋଇ ପରିବାର ଗଠନ କଲେ ତାହା ସୁନ୍ଦର ସମାଜ ଗଠନ କରି ପାରିବେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଯୋଗ, ପ୍ରାଣାୟମ, ବିଶ୍ୱ କଲ୍ୟାଣ ଯଜ୍ଞ , ଗୋ ମାତା ସେବା ଓ ବୈଦିକ ପ୍ରବଚନ ଅନୁଷ୍ଠିତ ହେଇଥିଲା। ପରିଶେଷରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ଆଦର୍ଶ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ମାନ ୨୦୨୫ ରେ ସମ୍ବର୍ଦ୍ଧନା କରାଯାଇଥିଲା। ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ। ପରିଶେଷରେ ଉପସଭାପତି ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

CMYK

# ଭୁବନ କାପୁଡିଆ ସମାଜର ବନ୍ଧୁ ମିଳନ: ଜାତିର ଉନ୍ନତିରେ ସମାଜର ଉନ୍ନତି ହୁଏ

ଭୁବନ,୨୨/୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ 'କାପୁଡିଆ ସମାଜ' ତରଫରୁ ବନ୍ଧୁ ମିଳନ (ମହା ମିଳନ) ପର୍ବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ଭୁବନ ସଭାପତି ଶ୍ରୀଯୁକ୍ତ ରାମଚନ୍ଦ୍ର ରାଉତ ଙ୍କ ଅଧ୍ୟକ୍ଷତା ଓ ନିରଞ୍ଜନ ଗୁରୁ ଙ୍କ ସଂଯୋଜନାରେ ଆୟୋଜିତ ଏହି ପର୍ବରେ କାପୁଡିଆ ସମାଜର ରାଜ୍ୟ ସଭାପତି ନବକିଶୋର ଗୁରୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବା ବେଳେ ରାଜ୍ୟ ଉପସଭାପତି ସନାତନ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଭାସ୍କର ନାୟକ, ରାଜ୍ୟ ସଂଗଠନ ସମ୍ପାଦକ ଦିଲୀପ୍ କୁମାର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । 'ଜାତିର ଉନ୍ନତି ରେ ସମାଜର ଉନ୍ନତି ହୁଏ ' ଏହି ବାର୍ତ୍ତାକୁ ନେଇ କାପୁଡିଆ ସମାଜ ଆଗେଇ ଆସିବା ସହିତ ଏକ ସୁସ୍ଥ ସମାଜ ଗଠନ ପାଇଁ ଢେଙ୍କାନାଳ ଜିଲ୍ଲାର ଭୁବନ କାପୁଡିଆ ଯୁବକ ସଂଘ ତରଫରୁ ରାଜ୍ୟର କୋଣ ଅନୁକୋଣରେ ଥିବା କାପୁଡିଆ ସମାଜର ଲୋକମାନଙ୍କୁ ଏକତ୍ରୀତ କରିବାରେ ସକ୍ଷମ ହୋଇପାରିଛି । ଏହି ଅବସରରେ କାପୁଡିଆ ସମାଜର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତି, ସମାଜରେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କୁ ଉତାରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରଯାଇଥିଲା । କାପୁଡିଆ ସମାଜ ଧର୍ମଶାଳା ନିର୍ମାଣ ପାଇଁ ନୂତନ ଜାଗା ଚିହ୍ନଟ ସହିତ ଧର୍ମଶାଳା ପାଇଁ ଜମି ଦାନ କରିଥିବା ଭାଗବତ ପୋଥାଳ,ରାଜକିଶୋର ପୋଥାଳ, ଧନେଶ୍ୱର ପୋଥାଳଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହି ମହା ମିଳନ ପର୍ବରେ ଜିଲ୍ଲା ଉପସଭାପତି ସୁରେନ୍ଦ୍ର ପୋଥାଳ, ରାଜ୍ୟ ଉପସଭାପତି ଖଗେଶ୍ୱର ନାୟକ, ଭୁବନ ସମ୍ପାଦକ ବିଦ୍ୟାଧର ବିହାରୀ , ଜିଲ୍ଲା କାର୍ଯ୍ୟକାରିଣୀ ଶ୍ରୀମତୀ ବିଳାସିନୀ ପୃଷ୍ଟି , ଲଳିତା ନାୟକ, ଜୟନ୍ତୀ ପୃଷ୍ଟି ଯୋଗଦେଇଥିଲେ । ସେହିପରି ଭୁବନ କାପୁଡିଆ ଯୁବକ ସଂଘର କର୍ମକର୍ତ୍ତା ଲକ୍ଷ୍ମଣ ଦାସ, ପ୍ରମୋଦ ଗୁରୁ, ଦେବେନ୍ଦ୍ର ପୃଷ୍ଟି, ନାରାୟଣ ନାୟକ, ଦେବାନନ୍ଦ ସାହୁ, ଅମ୍ବୁଜ ସାହୁ, ସୁଶାନ୍ତ ପୃଷ୍ଟି, ସନ୍ତୋଷ ବିହାରୀ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ । ଦିଲ୍ଲୀପ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିପିନ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ତିନିଶହ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ ।

# କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

କନ୍ଧମାଳ,୨୨/୩ (ନି.ପ୍ର): କଳା ସଂସ୍କୃତି ଓ ପରମ୍ପରାର ପ୍ରତୀକ କନ୍ଧମାଳ ମୋହତ୍ସବ ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟିତ ଉତ୍ସବ ର ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଜେପି ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ କନ୍ଧମାଳ ଜିଲ୍ଲାର ଏହି ମହୋତ୍ସବ କେବଳ ଜିଲ୍ଲା ପ୍ରଶାସନର ନୁହଁ ଆମ ସମସ୍ତଙ୍କ ମହୋତ୍ସବ । ଜିଲ୍ଲାର ଆଦିବାସୀଙ୍କ ବ୍ୟବସାୟକୁ ଆଗକୁ ନେଇପାରିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଯୋଜନା, କଳା ସଂସ୍କୃତି ଉପରେ ବେସି ଗୁରୁତ୍ୱ ଦେବା ସହିତ ୨୦୩୬କୁ ଓଡିଶା ବିକଶିତ ରାଜ୍ୟ କରିବେ । ଯେପରି ଏହି ମହୋତ୍ସବକୁ ଆମେ ସମସ୍ତେ ମିଳି ମିଶି ଆୟୋଜିତ କଲେ ଠିକ ସେହିପରି ସମସ୍ତେ ମିଳି ମିଶି କାର୍ଯ୍ୟ କଲେ ଆମ କନ୍ଧମାଳ ଜିଲ୍ଲା ନିଶ୍ଚୟ ଉର୍ନତି ପଥରେ ଆଗକୁ ଅଗ୍ରଗତି କରିବ । ସେହିପରି ଅନ୍ୟତମ ଅତିଥି ଭାବେ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଅମ୍ରିତ ରୁତୁରାଜ,ବାଲିଗୁଡା ବନ ଖଣ୍ଡ ଅଧିକାରୀ ବିଶ୍ୱ ରାଜ ପଣ୍ଡା, ଫୁଲବାଣୀ ଜିଲ୍ଲା ବନ ଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିସି,ଅତିରିକ୍ତ ଜିଲ୍ଲପାଳ (ରାଜ୍ସ) ରମେଶ ଚନ୍ଦ୍ର ଜେନା ପ୍ରମୁଖ ମଂଚାସୀନ ହୋଇ କନ୍ଧମାଳ ମହୋତ୍ସବ ବିଷୟରେ ଅଭି ଭାଷଣ ରଖିଥିଲେ । କନ୍ଧମାଳ ଜିଲ୍ଲାପାଳ କୋଟଗଡ ତୁମିଡ଼ିବନ୍ଧ ଆଦିବାସୀଙ୍କ ଜନ୍ମ, ସଂସ୍କୃତି ଉପରେ ପ୍ରାଞ୍ଜଳ ଭାବେ ଦର୍ଶକ ମାନଙ୍କୁ କହିଥିଲେ ।ଏହି ମହୋତ୍ସବ ଜିଲ୍ଲାର ବାଣିଜ୍ୟ କ୍ଷେତ୍ରରେ ବୃଦ୍ଧି ହୋଇପାରିବ ଏହାରି ଉପରେ ଅଭିଭାଷଣ କରିଥିଲେ । ଏହି ମହୋତ୍ସବରେ ବିଭିନ୍ନ ଷ୍ଟଲ, ଏସ ଏଚ ଜି ମହିଳା ଙ୍କ ଉତ୍ପାଦକ ଜିନିଷ କ୍ରୟ ବିକ୍ରୟ ପାଇଁ ଷ୍ଟଲ,କୃଷି ବିଭାଗ, ମୃତିକା ସଂରକ୍ଷଣ ବିଭାଗ, ପଶୁ ବିଭାଗ ,କସମ ,ଜିଲ୍ଲା ପ୍ରାଧିକାରଣ ବିଭାଗ,ବିଭିନ୍ନ ଜିଲ୍ଲା ର ଏସଏସଜି ଗ୍ରୁପ ପକ୍ଷରୁ ଷ୍ଟଲ, ଫୁଡ ଷ୍ଟଲ ମାନ ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି । ଫୁଲବାଣୀ ବିଧାୟକ ଓ ଜିଲ୍ଲା ପାଳଙ୍କ ଦ୍ୱାରା ସମସ୍ତ ଷ୍ଟଲ ବୁଲି ଦେଖିବା ସହିତ ଉଦଘାଟନ କରିଥିଲେ । ଏହି ସମୟରେ ଜିଲ୍ଲା ପରିଷଦ ଅଧିକାରୀ, ନୂତନ ଯୋଗଦାନ କରିଥିବା ଅତିରିକ୍ତ ଜିଲ୍ଲା ପାଳ ମଧ ଥିଲେ ।ଏହି କାର୍ଯ୍ୟକ୍ରମ ରେ ସମସ୍ତ ବିଭାଗର ଉଚ୍ଚ ପଦାଧିକାରୀ ଅଧିକାରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ଢିଲା ଫଳରେ ଏବଂ ପ୍ରଚାର ପ୍ରସାର ଅଭାବ ଫଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିମଧ ଅଧିକାଂଶ ଷ୍ଟଲ ଖାଲି ରହିଥିବା ସହିତ ଲାଇଟ ଏଣ୍ଡ ସାଉଣ୍ଡର ସଠିକ୍ ନ ଥିବା । ବିଭିନ୍ନ ବ୍ଲକ ମାନଙ୍କରେ ଜିଲ୍ଲା ଠାରୁ ଭଲ ପ୍ରୋଗ୍ରାମ ହୋଇଛି ବୋଲି ମଧ ପ୍ରକାଶ ହେଉଛି । ସବୁଥର ପରି ସମସ୍ତ ସବକମିଟି ର ଏପରିକି ସ୍ମରଣୀକା କମିଟିର ମଧ କୌଣସି ବୈଠକ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇ ନାହିଁ ବୋଲି ସାମ୍ବାଦିକ ମାନେ ମତ ପ୍ରକାଶ କାଟିଛନ୍ତି ।

## ଏପ୍ରିଲ ୧ରୁ ଲାଗୁ ହେବ ଆୟୁଷ୍ମାନ ଭାରତ ଆରୋଗ୍ୟ ଯୋଜନା

କେନ୍ଦ୍ରାପଡା,୨୨/୩ (ନି.ପ୍ର): ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଅାରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ଲାଗୁ ହେବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷେର ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅାୟୋଜିତ ଏହି ବୈଠକେର ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରେମଦ କୁମାର ପ୍ରହରାଜ ଓ ଅନ୍ୟ ବରିଷ୍ଠ ଡାକ୍ତର ମାନେ ଉପସ୍ଥିତ ଥିଲେ । ଆସନ୍ତା ୧ ତାରିଖେର ମାନ୍ୟବର ପ୍ରଧାନମନ୍ତ୍ରୀ ଏହା ଉଦ୍‌ଘାଟନ କରିବାର କର୍ଯ୍ୟକ୍ରମ ଥିବାରୁ ଜିଲ୍ଲାର ୪୮ଟି ସିଏଚ୍‌ସି ଓ ପିଏଚ୍‌ସି କେନ୍ଦ୍ରେର ଏହା ସିଧା ପ୍ରସାରଣ କରିବାକୁ ନିଷ୍ପତି ନିଆଯାଇଛି । ରାଜ୍ୟ ସରକାରଙ୍କର ବିଏସେକେଓ୍ୱାଇ ସ୍ୱାସ୍ଥ୍ୟକାର୍ଡ କୁ ପରିବର୍ତ୍ତନ କରାଯାଇ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଅାରୋଗ୍ୟ ଯୋଜନା ନାମେର ସ୍ୱାସ୍ଥ୍ୟକାର୍ଡ ପ୍ରଚଳନ କରାଯିବ । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏନେଇ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକନ୍ଦ୍ର କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରେର ଏକ ସେଚତନତା ରଥ ଜିଲ୍ଲା ସାରା ପରିକ୍ରମା କରି ଜନ ସାଧାରଣଙ୍କୁ ଆୟୁଷ୍ମାନ ଭାରତ ଆରୋଗ୍ୟ ଯୋଜନା ସଂପକର୍ରେ ସେଚତନ କରିବ ବୋଲି ଜଣାପଡିଛି ।

# ଆସନ୍ତା ୨୭ ତାରିଖ ବିଧାନସଭା ଘେରାଓ କାର୍ଯ୍ୟକ୍ରମକୁ ନେଇ ବଲାଙ୍ଗିର ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକ

ବଲାଙ୍ଗିର,୨୨/୩ (ନି.ପ୍ର): ଆଜି ସ୍ଥାନୀୟ ବଲାଙ୍ଗିର ଜିଲ୍ଲା କଂଗ୍ରେସ ଭବନ ଠାରେ ପିସିସି ତରଫରୁ ନିଯୁକ୍ତ ବଲାଙ୍ଗିର ଜିଲ୍ଲା ପ୍ରଭାରି ଚିନ୍ମୟ ସାହୁ ଯୋଗ ଦେଇ ଆସନ୍ତା ୨୭ ତାରିଖରେ କଂଗ୍ରେସ ଦଳ ତରଫରୁ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ଘେରାଓ ଓ ବିକ୍ଷୋଭ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ ଓଡିଶା ରେ ବିଜେପି ଦଳ କ୍ଷମତାକୁ ଆସିବା ପରେ ରାଜ୍ୟର ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିଶେଷ ଭାବରେ ବୃଦ୍ଧି ପାଇଛି । ଯଦି ଏହି ଧାରା ଚାଲୁ ରହେ ତେବେ ଓଡିଶା ରେ ମହିଳା ଅତ୍ୟାଚାର ପାଇଁ ଅନେକ ଅଲୋଡା ରେକର୍ଡ ସୃଷ୍ଟି କରିବ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଆଖି ଆଗରେ ରଖି ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାଶଙ୍କ ନେତୃତ୍ୱରେ ଆସନ୍ତା ୨୭ ତାରିଖ ଦିନ ରାଜ୍ୟରୁ ସବୁ ପ୍ରାନ୍ତରୁ କଂଗ୍ରେସ କର୍ମୀ ଏକାଠି ହୋଇ ବିଧାନସଭା ଘେରାଓ କରିବା କାର୍ଯ୍ୟକ୍ରମ ରହିଛି । ଆଜିର ଏହି ଆଲୋଚନା ତଥା ପ୍ରସ୍ତୁତି ବୈଠକରେ ପର୍ଯ୍ୟବେକ୍ଷକ ଶ୍ରୀ ସାହୁ ସମସ୍ତଙ୍କ ସହଯୋଗ କାମନା କରିବା ସହ ସମସ୍ତେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିବେଦନ କରିଥିଲେ । ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ରଙ୍କ ସଭାପତିତ୍ୱରେ ଏବଂ କାର୍ଯ୍ୟକାରୀ ସଭାପତି ସନ୍ତକ ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, ଟିଟିଲାଗଡ ବିଧାନସଭା ପ୍ରାର୍ଥୀ ବିରେନ୍ଦ୍ର ବାଗ, ଓମ୍ ପ୍ରକାଶ କୁମ୍ଭାର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଉମାଶଙ୍କର ପଣ୍ଡା, କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ନାରୀ ନେତ୍ରୀ ମିଳନୀ ସାହୁ, ମୀରା ମଣ୍ଡଳ, ନାସୀର ଖାନ, ଅଙ୍କିତ ସାହୁ, ଛାତ୍ର କଂଗ୍ରେସ ପ୍ରବକ୍ତା ନିତିଶ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ସାହୁ, ମନମୋହନ ପଟେଲ, ରାମପ୍ରସାଦ ମିଶ୍ର, ନିଳାଂଚଳ ପ୍ରଧାନ, ଅରବିନ୍ଦ ସାହୁ, ସରୋଜ ରଥ, ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ସଂଜୟ ମିଶ୍ର, ଲଳିତ ପଟେଲ, ସାଧୁ ମେହେର, ହରି ନନ୍ଦ, ବିରୋଧ ତାଣ୍ଡି, ଚିନ୍ମୟ ପ୍ରଧାନ, ମହୁଆ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବ୍ୟକ୍ତ ପ୍ରଗାଢ ଅନୁଭବର କାବ୍ୟିକ ପ୍ରକାଶ ହିଁ କବିତା

କେନ୍ଦ୍ରାପଡା,୨୨/୩ (ନି.ପ୍ର): ୨୧ ମାର୍ଚ୍ଚ ବିଶ୍ୱ କବିତା ଦିବସ ଅବସରରେ ମାନବ ସଭ୍ୟତାର ସୂକ୍ଷ୍ମ ଅବବୋଧ ନିର୍ମାଣରେ କବିତାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରାଯାଇଛି । ଏହି ଅବସରରେ ସାଂସ୍କୃତିକ ଅନୁଷ୍ଠାନ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜରସ ଓ ସିମ୍ଫୋନି ତରଫରୁ ବିଶ୍ୱ କବିତା ଦିବସ ପାଳନ କରାଯାଇଛି । 'ନୂଆକବିତାର ମାରାଥନ' ଓ ମୋ ପାଇଁ କବିତା ' ଶୀର୍ଷକ ଆଲୋଚନା ଓ ଏକ ଅର୍ଦ୍ଧ ନୂତନ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପ୍ରଖ୍ୟାତ କବି ପଦ୍ମ ଭୂଷଣ ସ୍ୱର୍ଗତ ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । କବି ଓ କଥାକାର ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଅନ୍ନପୂର୍ଣ୍ଣା ମହାନ୍ତି, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ କବି ସତୀର୍ଥର ସମ୍ପାଦକ ମନ୍ମଥ ନାଥ ବରାଳ, ଅଧ୍ୟାପକ ଓ କବି ତ୍ରିଲୋଚନ ପ୍ରଧାନ, ବିଶିଷ୍ଟ କବି ବୃନ୍ଦାବନ ଦାସ ଓ ପ୍ରେମାନନ୍ଦ ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇ ବିଶ୍ୱ କବିତା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଆୟୋଜିତ କବିତା ଆସରରେ ବରିଷ୍ଠ କବି ପ୍ରମୋଦ ସିଂ, ଅକ୍ଷୟ କୁମାର ନାୟକ, ଶୁଭ୍ରାଂଶୁ କୁମାର ଦାସ, ପୁଷ୍ପାଞ୍ଜଳି ପଣ୍ଡା, ସ୍ୱପ୍ନାଂଶୁ କୁମାର ଦାସ, କବିତା ମୁଦୁଲି,ଗୋଲାପ ରାଉତ, ଲିଜକ୍ଷ ପଣ୍ଡା, ରଞ୍ଜନ ବାଇ, ପବିତ୍ର କୁମାର ସାହୁ , ନୃସିଂହ ଚରଣ ତ୍ରିପାଠୀ, ପ୍ରୀତମ ତ୍ରିପାଠୀ, ରଶ୍ମୀ ରଞ୍ଜନ ବାରିକ୍ , ତାରିଣୀ କୁମାର ପାଟଯୋଶୀ ପ୍ରମୁଖ ଯୋଗ ଦେଇ କବିତା ପାଠ କରିଥିଲେ । ମନ୍ତ୍ରମୁଗ୍ଧ କବିତାମୟ ପରିବେଶର ସମାପନ ସହ ପରିଶେଷରେ ସିମ୍ଫୋନିର ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପୋଖରୀରୁ ମାଛ ଚୋରି: ଟଙ୍କା ମାଗିବାରୁ ଟାଙ୍ଗିଆରେ ହାଣି ଯୁବତୀଙ୍କୁ ହତ୍ୟା

ମାଲକାନଗିରି,୨୨/୩ (ନି.ପ୍ର): ପୋଖରୀରୁ ମାଛ ଚୋରି । ଟଙ୍କା ମାଗିବାରୁ ଟାଙ୍ଗିଆରେ ହାଣି ଯୁବତୀଙ୍କୁ ହତ୍ୟା । ମାଲକାନଗିରି ଜିଲ୍ଲା ମାଥିଲି ଥାନା ମହୁପଦର ଗ୍ରାମରେ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ହତ୍ୟା ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ । ସୂଚନାନୁଯାୟୀ, ମହୁପଦର ଗ୍ରାମର ଲକ୍ଷ୍ମୀ କଲାର (୨୩ ବର୍ଷ) ଓ ଅନ୍ୟଜଣେ ବ୍ୟକ୍ତି ପୋଖରୀରେ ମାଛ ଚାଷ କରିଥିଲେ ସେହି ଗ୍ରାମର ଜଣେ ବ୍ୟକ୍ତି ପୋଖରୀରୁ ମାଛ ଚୋରି କରିଥିବାର ଜାଣି ଲକ୍ଷ୍ମୀ ଶୁକ୍ରବାର ରାତିରେ ତାଙ୍କ ନିକଟକୁ ଯାଇ ଟଙ୍କା ମାଗିଥିଲେ । ହେଲେ ଉକ୍ତ ବ୍ୟକ୍ତି ଜଣକ ଟଙ୍କା ନଦେଇ ଓଲଟା ଗାଳି ଗୁଲଜ କରିଥିଲେ । ଏହାପରେ ଲକ୍ଷ୍ମୀ ରାତିରେ ନିଜ ଘରକୁ ଫେରି ଆସିଥିଲେ । ଶନିବାର ସକାଳେ ଘରେ ଲକ୍ଷ୍ମୀ ଲୁଗା ଶୁଖାଉଥିବା ସମୟରେ ହଠାତ୍ ଉକ୍ତ ବ୍ୟକ୍ତି ଆସି ଲକ୍ଷ୍ମୀର ମୁଣ୍ଡକୁ ଟଙ୍ଗିଆରେ ଆକ୍ରମଣ କରିଥିଲା । ଫଳରେ ଲକ୍ଷ୍ମୀ ଅଚେତ ହୋଇ ତଳେ ପଡ଼ି ଯାଇଥିଲେ । ଲକ୍ଷ୍ମୀଙ୍କ ଭଉଣୀ ଗ୍ରାମବାସୀଙ୍କୁ ଡାକି ତାଙ୍କୁ ମାଥିଲି ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ଲକ୍ଷ୍ମୀଙ୍କୁ ମୃତ ଘୋଷଣା କରିଥିଲେ । ମାଥିଲି ଥାନା ପୋଲିସ ଘଟଣାସ୍ଥଳରେ ପହଁଚି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ହତ୍ୟା ସନ୍ଦେହରେ ପୋଲିସ ଜଣେ ଯୁବକକୁ ଅଟକ ରଖି ପଚରାଉଚରା କରୁଛି । ଖୁବଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ମାଥିଲି ଥାନା ଅଧିକାରୀ ଦେବଦତ ମଲ୍ଲିକ ସୂଚନା ଦେଇଛନ୍ତି ।

# ଦେଶବ୍ୟାପୀ ରାଜନୈତିକ ଦଳ ବୈଠକର ଫଟୋଗୁଡ଼ିକ ଇସିଆଇ ୱେବସାଇଟରେ ଦେଖାଯାଇପାରିବ

ସୁନ୍ଦରଗଡ,୨୨/୩ (ନି.ପ୍ର): ଦେଶବ୍ୟାପୀ ୪୧୨୩ ଜଣ ଇଆରଓ ସେମାନଙ୍କ ବିଧାନସଭା ନିର୍ବାଚନମଣ୍ଡଳୀରେ ଯେକୌଣସି ବିଚାରାଧୀନ ପୋଲିଂ ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି । ସେହିପରି, ରାଜ୍ୟ / କେନ୍ଦ୍ର ଶାସିତ ଅଂଚଳ ସ୍ତରରେ ସମସ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ର ଶାସିତ ଅଂଚଳଗୁଡ଼ିକର ସମସ୍ତ ୭୮୮ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୬ ଜଣ ସିଇଓଙ୍କୁ ମଧ ଜିଲ୍ଲା ଏବଂ ରାଜ୍ୟ / କେନ୍ଦ୍ର ଶାସିତ ଅଂଚଳ ସ୍ତରରେ ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ଏପରି ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ୧୯୫୦ ଏବଂ ୧୯୫୧ ର ଜନପ୍ରତିନିଧି ଆଇନ, ୧୯୬୦ ର ନିର୍ବାଚନ ପଞ୍ଜୀକରଣ ନିୟମ, ୧୯୬୧ ର ନିର୍ବାଚନ ଆଚରଣ ନିୟମ ଏବଂ ସମୟ ସମୟରେ ଇସିଆଇ ଦ୍ୱାରା ଜାରି ମାନୁଆଲ୍, ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀର ଆଇନଗତ ଢାଂଚା ମଧ୍ୟରେ ରହିଛି । ଏହି ବୈଠକଗୁଡ଼ିକ ଜାତୀୟ / ରାଜ୍ୟ ସ୍ତରୀୟ ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସହିତ ଆରମ୍ଭ ହୋଇସାରିଛି । ଏପରି ସମସ୍ତ ବୈଠକ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମଗ୍ର ଦେଶରେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ / କେନ୍ଦ୍ରଶାସିତ ଅଂଚଳରେ ସମାପ୍ତ ହେବାକୁ ଅଛି । ଏହା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀଙ୍କ ନେତୃତ୍ୱରେ ନିର୍ବାଚନ କମିଶନର ୪ ମାର୍ଚ୍ଚ ୨୦୨୫ ରେ ନୂଆଦିଲ୍ଲୀରେ ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ପ୍ରଦେଶର ସିଇଓ ଏବଂ ପ୍ରତ୍ୟେକ ରାଜ୍ୟର ଜଣେ ଉରଙ୍ଗ, ରଜଙ୍ଗଙ୍କ ସମ୍ମିଳନୀରେ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଇଛି । ରାଜନୈତିକ ଦଳ ଏବଂ ସେମାନଙ୍କର ପ୍ରାଧିକୃତ ପ୍ରତିନିଧି ଯେପରିକି ବୁଥ ସ୍ତରୀୟ ଏଜେଣ୍ଟ, ପୋଲିଂ ଏଜେଂଟ, କାଉଂଟର ଏଜେଂଟ ଏବଂ ନିର୍ବାଚନ ଏଜେଂଟଙ୍କର ନିର୍ବାଚନ ପରିଚାଳନା ସମେତ ବିଭିନ୍ନ ନିର୍ବାଚନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଭୂମିକା ରହିଛି । ବିଧାନସଭା ନିର୍ବାଚନ ମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ବୈଠକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଏହି ତୃଣମୂଳ ସ୍ତରୀୟ ସମ୍ପର୍କକୁ ସ୍ୱାଗତ କରାଯାଇଛି । ଆୟୋଗ ସମସ୍ତ ଜାତୀୟ/ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ସମୟସୀମା ମଧ୍ୟରେ ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହିତ ଏହି ସକ୍ରିୟ ତୃଣମୂଳ ସ୍ତରୀୟ ସମ୍ପର୍କର ଲାଭ ଉଠାଇବାକୁ ଆହ୍ୱାନ କରୁଛି ।

# କେନ୍ଦୁଝରଠାରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ବୈଠକ

କେଉଁଝର,୨୨/୩ (ନି.ପ୍ର): ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ବୈଠକ ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର ?ୟାଳୟ ସ୍ଥିତ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ କେନ୍ଦୁଝର ଶ୍ରୀ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର (ନିର୍ବାଚନ ) ଶ୍ରୀ କିରଣ କୁମାର ନାଏକ, ସୁଶ୍ରୀ ରୁପାଲି ହାଁସଦା ଓ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଦେଶ ସାରା ୪,୧୨୩ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସେମାନଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ ରେ ଯେକୌଣସି ବିଚାରାଧୀନ ପୋଲିଂ ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି । ସେହିପରି, ରାଜ୍ୟ/କେନ୍ଦ୍ରଶାସିତ ଅଂଚଳରେ ସମସ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ପ୍ରଦେଶର ସମସ୍ତ ୭୮୮ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୬ ଜଣ ଉରଙ୍ଗଙ୍କୁ ମଧ ଜଚ ଆଇନ - ୧୯୫୦ ଏବଂ ୧୯୫୧, ନିର୍ବାଚନ ପଞ୍ଜୀକରଣ ନିୟମ - ୧୯୬୦, ନିର୍ବାଚନ ଆଚରଣ ନିୟମ - ୧୯୬୧ ଏବଂ ଭାରତ ନିର୍ବାଚନ ଆୟୋଗ ଦ୍ୱାରା ଜାରି କରାଯାଇ ଥିବା ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀର ଆଇନଗତ ଢାଞ୍ଚା ମଧ୍ୟରେ ଯଥାକ୍ରମେ ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ସମସ୍ତ ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ଏପରି ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକଗୁଡ଼ିକ ଜାତୀୟ/ରାଜ୍ୟ ସ୍ତରୀୟ ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସହିତ ଆରମ୍ଭ ହୋଇସାରିଛି । ଏପରି ସମସ୍ତ ବୈଠକଗୁଡ଼ିକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ସମଗ୍ର ଦେଶରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ସମାପ୍ତ ହେବାକୁ ଯାଉଛି । ଏହା ୪ ମାର୍ଚ୍ଚ, ୨୦୨୫ରେ ନୂଆଦିଲ୍ଲୀର ଓଓଉରଗ ଠାରେ ଅନୁଷ୍ଠିତ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ପ୍ରତ୍ୟେକ ରାଜ୍ୟରୁ ଜଣେ ଉରଙ୍ଗ ଏବଂ ରଜଙ୍ଗଙ୍କ ସମ୍ମିଳନୀରେ, ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ନେତୃତ୍ୱ ଏବଂ ନିର୍ବାଚନ ଆୟୋଗର ନିର୍ଦ୍ଦେଶ ଅନୁଯାୟୀ କରାଯାଇଛି । ରାଜନୈତିକ ଦଳ ଏବଂ ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଯେପରିକି ବୁଥ୍ ସ୍ତରୀୟ ଏଜେଂଟ ପୋଲିଂ ଏଜେଂଟ, କାଉଂଟିଂ ଏଜେଂଟଏବଂ ନିର୍ବାଚନ ଏଜେଂଟ ମାନଙ୍କର ନିର୍ବାଚନ ପରିଚାଳନା ସମେତ ବିଭିନ୍ନ ନିର୍ବାଚନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଭୂମିକା ମଧ ରହିଛି । ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ବୈଠକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ରାଜନୈତିକ ଦଳଗୁଡ଼ିକ ଏହି ତୃଣମୂଳ ସ୍ତରୀୟ ସମ୍ପର୍କକୁ ସ୍ୱାଗତ କରିଛନ୍ତି । ନିର୍ବାଚନ ଆୟୋଗ ସମସ୍ତ ଜାତୀୟ/ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହିତ ଏହି ସକ୍ରିୟ ତୃଣମୂଳ ସ୍ତରୀୟ ସମ୍ପର୍କର ଲାଭ ଉଠାଇବାକୁ ଆହ୍ୱାନ ମଧ ଦେଇଛନ୍ତି ଯାହା ଦ୍ୱାରା ସମସ୍ତ ବିଚାରାଧୀନ ସମସ୍ୟାର ସମାଧାନ ସମୟସୀମା ମଧ୍ୟରେ ହୋଇପାରିବ । ଦେଶବ୍ୟାପୀ ରାଜନୈତିକ ଦଳ ମାନଙ୍କ ସହିତ ବୈଠକର ଫଟୋ ଗୁଡ଼ିକ ଭାରତ ନିର୍ବାଚନ ଅଧିକାରୀଙ୍କର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉପଲବ୍ଧ ରହିଛି ।

# ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ରାଜନୈତିକ ଦଳମାନଙ୍କ ସହିତ ତୃଣମୂଳସ୍ତରୀୟ ବୈଠକ

ମାଲକାନଗିରି ,୨୨/୩ (ନି.ପ୍ର): ଦେଶବ୍ୟାପୀ ୪,୧୨୩ ଜଣ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀ ସେମାନଙ୍କ ନିଜ ନିଜ ବିଧାନସଭା ନିର୍ବାଚନମଣ୍ଡଳୀରେ ଯେକୌଣସି ବିଚାରାଧୀନ ପୋଲିଂ ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି । ସେହିପରି, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ସମସ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ପ୍ରଦେଶର ସମସ୍ତ ୭୮୮ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୬ ଜଣ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜନପ୍ରତିନିଧି ଆଇନ ୧୯୫୦ ଏବଂ ୧୯୫୧, ନିର୍ବାଚନ ପଞ୍ଜୀକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ସମୟ ସମୟରେ ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଜାରି ନିର୍ବାଚନ ପୁସ୍ତିକା, ମାର୍ଗଦର୍ଶିକା ଏବଂ ନିର୍ଦ୍ଦେଶାବଳୀର ଆଇନଗତ ଢାଂଚା ମଧ୍ୟରେ ଯଥାକ୍ରମେ ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ଯେକୌଣସି ପଡ଼ି ରହିଥିବା ସମସ୍ୟାର ସମାଧାନ ପାଇଁ ଏପରି ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକଗୁଡ଼ିକ ଜାତୀୟ/ରାଜ୍ୟ ସ୍ତରୀୟ ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସହିତ ଆରମ୍ଭ ହୋଇସାରିଛି । ସମଗ୍ର ଦେଶରେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଏପରି ସମସ୍ତ ବୈଠକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ସମାପ୍ତ କରିବାକୁ ପଡ଼ିବ । ଏହା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ କମିଶନର ଡ ସୁଖବୀର ସିଂ ସାନ୍ଧୁ ଓ ଡ ବିବେକ ଜୋଶୀଙ୍କ ଉପସ୍ଥିତିରେ ୪ ମାର୍ଚ୍ଚ, ୨୦୨୫ରେ ନୂଆଦିଲ୍ଲୀ ଠାରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ପ୍ରତ୍ୟେକ ରାଜ୍ୟରୁ ଜଣେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀଙ୍କ ସମ୍ମିଳନୀରେ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥିରୀକୃତ ହୋଇଥିଲା । ରାଜନୈତିକ ଦଳ ଏବଂ ସେମାନଙ୍କର ପ୍ରାଧିକୃତ ପ୍ରତିନିଧି ଯେପରିକି ବୁଥ୍ ସ୍ତରୀୟ ଏଜେଣ୍ଟ, ପୋଲିଂ ଏଜେଂଟ, କାଉଂଟିଂ ଏଜେଂଟଏବଂ ନିର୍ବାଚନ ଏଜେଣ୍ଟଙ୍କର ନିର୍ବାଚନ ପରିଚାଳନା ସମେତ ବିଭିନ୍ନ ନିର୍ବାଚନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଭୂମିକା ରହିଛି । ବିଧାନସଭା ନିର୍ବାଚନ ମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ବୈଠକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଏହି ତୃଣମୂଳ ସ୍ତରୀୟ ସମ୍ପର୍କକୁ ସ୍ୱାଗତ କରାଯାଇଛି । ଆୟୋଗ ସମସ୍ତ ଜାତୀୟ/ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ସମୟସୀମା ମଧ୍ୟରେ ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହିତ ଏହି ସକ୍ରିୟ ତୃଣମୂଳ ସ୍ତରୀୟ ସମ୍ପର୍କ ଓ ଅଂଶଗ୍ରହଣର ସୁଯୋଗ ଉଠାଇବାକୁ ଆମନ୍ତ୍ରଣ କରୁଛି ।

## ଗୋଳାବାରୁଦ କାରଖାନା ପରିସରରେ ଅବୈଧ ଶିକାର

ବଲାଙ୍ଗିର,୨୨/୩ (ନି.ପ୍ର): ଗତକାଲି ରାତିରେ କାରଖାନାର ପୋଷ୍ଟ ଅଫିସ ନିକଟରେ ଚୋରା ବିଦ୍ୟୁତ୍ ତାର ଲଗାଇ ଗୋଟିଏ ଜଙ୍ଗଲି ବାର୍ହା ଶିକାର ଧରା ପଡିଛି । ସିକ୍ୟୁରିଟି ଗାର୍ଡମାନେ ଉକ୍ତ ମୃତବାର୍ହାଟି ସମେତ ଚୋରାତାର ଇତ୍ୟାଦିକୁ ଜବତ କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ , ଘଟଣା ସମୟରେ ବଡମାଳ ଫରେଷ୍ଟର ବଡମାଳରେ ଅନୁପସ୍ଥିତ ଥିଲେ । ଏ ସମ୍ପର୍କରେ ଫରେଷ୍ଟର ବିଧ୍ୟାଧର ବେହେରାଙ୍କୁ ପଚାରିବାରୁ ସେ ଏଇ ୧୦/ ୧୫ ଦିନ ହେଲା ସେଠାକୁ ବଦଳି ହୋଇ ଆସିଥିବା , ଗତକାଲି ବିଶ୍ୱ ବନଦିବସପାଳନ ଓ କୋର୍ଟ ଡିଉଟି ପାଇଁ ବଲାଙ୍ଗୀରରେ ଥିଲେ ଓ ଆଜି ବଡମାଳ ଯାଉଥିବାର କହିଛନ୍ତି । ଏହି ମାମଲାରେ ନିକଟସ୍ଥ ଖାସ୍ ବାହାଲ- ନୂଆପଡା ଗ୍ରାମର ଦଶମୋଜ ସାହୁ ଏବଂ ପ୍ରମୋଦ ସାହୁ ନାମକ ୨ ଜଣ ଚୋରା ଶିକାରୀଙ୍କୁ ବନବିଭାଗ ଦ୍ୱାରା ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ । ଟିଟିଲାଗଡ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ଦ୍ୱାରା ମାମଲାର ତଦନ୍ତ କରା ଯାଉଥିବା ଜଣାଯାଇଛି ।

# ଯୋଁରା ମୁହାଣ ପରିଦର୍ଶନ କରି ସ୍ଥିତି ପରଖିବେ ବିଜେଡି ପ୍ରତିନିଧି ଦଳ

ଜୟପୁର,୨୨/୩ (ନି.ପ୍ର): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ସୁତିପଦର ନିକଟରେ ଥିବା ଯୋଁରା ମୁହାଣ ରେ ୨୦୦୩ ଚୁକ୍ତିନାମା ଉଲଂଘନ କରି ଛତିଶଗଡ ପାଣି ଚୋରୀ କରୁଥିବା ପ୍ରସଙ୍ଗ ରେ ଅଂଚଳ ବାସୀଙ୍କ ପ୍ରତିକ୍ରିୟା ପରେ ଏବେ ରାଜନୀତି ଚଳ ଚଂଚଳ ହୋଇଛି । ପ୍ରଥମେ ଯୋଁରା ବଂଚାଓ ସଂଘର୍ଷ ସମିତି ଛତିଶଗଡ ରାଜ୍ୟ ର ଏଭଳି ଅଗଣତାନ୍ତ୍ରିକ ବାଲି ବସ୍ତା ଅବରୋଧ କୁ ବିରୋଧ କରି ପ୍ରତିବାଦ କରିଛି । ଓଡିଶା ସରକାର ଏହି ପ୍ରସଙ୍ଗ ରେ ତୁରନ୍ତ ହସ୍ତ କ୍ଷେପ ନକଲେ ବାଧ ହୋଇ ଯୋଁରା ମୁହାଣ ରେ ଛତିଶଗଡ ର ବାଲି ବସ୍ତା ଅବରୋଧ କୁ ଅଂଚଳବାସୀଙ୍କ ସହ ଭାଙ୍ଗି ଦେବୁ ବୋଲି ସଭାପତି ପଙ୍କଜ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ପୂର୍ବ ରୁ ଜଣାଇ ସାରି ଛନ୍ତି । କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଁରା ମୁହାଣ ପରିଦର୍ଶନ କରି ଫେରି ଥିବା ବେଳେ ଆସନ୍ତା କାଲି ବିଜେଡି ତରଫରୁ ସ୍ଥିତି ପରଖିବା ପାଇଁ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ,ପୂର୍ବ ତନ ବିଧାୟକ ରଘୁରାମ ପୋଡାଲ, ପ୍ରଭୁ ଜାନି,ପ୍ରିତମ ପାଢ଼ୀ, କେ ସି ସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ଉପ ସଭାପତି ଦୁରପୁତା ଭତ୍ରା, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକାଙ୍କ ସହ ବହୁ ବିଜେଡି ନେତୃ ମଣ୍ଡଳୀ ଆସୁ ଥିବା ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ସୂଚନା ଦେଇଛନ୍ତି ।

# ଏସବୁ କାମ ନ କଲେ ଲାପଟପ ଦେବ ଧୋକା



ପାଠପଢ଼ାଠାରୁ ଆରମ୍ଭ କରି ଅଫିସ୍ କାମ ପର୍ଯ୍ୟନ୍ତ, ଲାପଟପ୍ ଅନେକ ଆବଶ୍ୟକତା ପୂରଣ କରେ। ଅନେକ ଲୋକ ଏହାକୁ କାମ ଏବଂ ମନୋରଞ୍ଜନ ପାଇଁ ବ୍ୟବହାର କରନ୍ତି। ଯେଉଁମାନେ ଅଫିସ ଯାଆନ୍ତି, ସେମାନେ ପାଇଁ ଫୋନ ପରି ଲାପଟପ୍ ମଧ୍ୟ ସାଙ୍ଗରେ ନେଇଥାନ୍ତି। ଏପରି ପରିସ୍ଥିତିରେ, ଲାପଟପକୁ ଅଧିକ ଦିନ ପର୍ଯ୍ୟନ୍ତ ଠିକଠାକ ରଖିବା ପାଇଁ କିଛି ଟିପ୍ସ ପାଳନ କରିବା ଗୁରୁତ୍ୱପୂର୍ଣ୍ଣ। ଏହି ଟିପ୍ସଗୁଡ଼ିକ ବିଷୟରେ ଜାଣନ୍ତୁ ।

ଲାପଟପକୁ ବାହ୍ୟ କ୍ଷତିରୁ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ, ଲାପଟପ୍ ଭିତରେ ବହୁତ ସୂକ୍ଷ୍ମ ଉପାଦାନ ଅଛି, ଯାହା ଏକ ବଡ଼ ଆଘାତ ଯୋଗୁଁ କ୍ଷତିଗ୍ରସ୍ତ ହୋଇପାରେ। ଏପରି ପରିସ୍ଥିତିରେ, ବାହ୍ୟ କ୍ଷତିକୁ ରୋକିବା ଗୁରୁତ୍ୱପୂର୍ଣ୍ଣ। ତେଣୁ, ଯଦି ଆପଣ ଯାତ୍ରା କରିବା ସମୟରେ ଲାପଟପ୍ ଇତ୍ୟାଦି ସାଙ୍ଗରେ ରଖୁଛନ୍ତି, ତେବେ ଏଥିପାଇଁ ଏକ ଭଲ ଗୁଣବତ୍ତାର ବ୍ୟାଗ୍ ରଖିବା ଗୁରୁତ୍ୱପୂର୍ଣ୍ଣ।

କିଛି ଲୋକ କାମ କରିବା ସମୟରେ ଭୁଲବଶତଃ ଲାପଟପରେ ଚା, ପାଣି କିମ୍ବା ଅନ୍ୟ କୌଣସି ତରଳ ପଦାର୍ଥ ଢାଳି ଦିଅନ୍ତି। ଏହା ଲାପଟପର ଆଭ୍ୟନ୍ତରୀଣ ଅଂଶଗୁଡ଼ିକୁ କ୍ଷତି ପହଞ୍ଚାଇପାରେ। ତେଣୁ, ଲାପଟପ୍ ଠାରୁ ଯେକୌଣସି ପ୍ରକାରର ତରଳ ପଦାର୍ଥ ଦୂରରେ ରଖନ୍ତୁ।

ଅଧିକ ଗରମ ହେବା ଦ୍ୱାରା ଲାପଟପର ବ୍ୟାଟେରୀ ପ୍ରଭାବିତ ହୁଏ। ଗରମ ତାପମାତ୍ରାରେ ନିରନ୍ତର କାମ କରିବା ଦ୍ୱାରା ବ୍ୟାଟେରୀ କ୍ଷମତା ହ୍ରାସ ପାଏ। ତେଣୁ, ଆପଣଙ୍କ କାର୍ଯ୍ୟସ୍ଥଳର ତାପମାତ୍ରାକୁ ସର୍ବଦା ଥଣ୍ଡା ରଖନ୍ତୁ। ଏଥିପାଇଁ, କୁଲିଂ ପ୍ୟାଡ୍ ବ୍ୟବହାର କରାଯାଇପାରିବ।

ମାଲୱେର୍ ଏବଂ ଭାଇରସ୍ ଡାଟା ଚୋରି କରିବା ସହିତ ଲାପଟପ୍‌ର କାର୍ଯ୍ୟଦକ୍ଷତାକୁ ଧୀର କରିପାରେ। ଭାଇରସ ଯୋଗୁଁ, ଲାପଟପ୍ ହଠାତ୍ କାମ କରିବା ବନ୍ଦ କରିଦେଇପାରେ କିମ୍ବା ଏହା ହ୍ୟାକର୍ସଙ୍କୁ ଆପଣଙ୍କ ବ୍ୟକ୍ତିଗତ ତଥ୍ୟର ଆକ୍ସେସ୍ ଦେଇପାରେ। ତେଣୁ, ଲାପଟପ୍‌କୁ ଭାଇରସ୍ ଏବଂ ମାଲୱେର୍ ଠାରୁ ସୁରକ୍ଷା ଦେବା ଗୁରୁତ୍ୱପୂର୍ଣ୍ଣ।

କିଛି ଲୋକ ୱିଣ୍ଡୋଜ୍ ଅପଡେଟ୍ କିମ୍ବା ସୁରକ୍ଷା ଅପଡେଟ୍ ଅଣଦେଖା କରନ୍ତି। ଲାପଟପ୍ କିମ୍ବା ମୋବାଇଲ୍ ସମେତ ଯେକୌଣସି ଡିଭାଇସ୍ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ ଏହି ଅପଡେଟ୍ ଆବଶ୍ୟକ। ତେଣୁ, ନିୟମିତ ଭାବରେ ଆପଣଙ୍କ ଡିଭାଇସକୁ ଅପଡେଟ୍ କରିରଖନ୍ତୁ। ଏହା କେବଳ ନୂତନ ବୈଶିଷ୍ଟ୍ୟ ପ୍ରଦାନ କରେ ନାହିଁ, ଏହା କ୍ଷତିର ଆଶଙ୍କାକୁ ମଧ୍ୟ ହ୍ରାସ କରେ।

# ପଦ୍ମନାଡ଼ ସେବନ କଲେ ମିଳିବ ଏ ସବୁ ସମସ୍ୟାରୁ ମୁକ୍ତି





ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ । ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ । ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ । ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ । ପଦ୍ମର ନାଡ ଔଷଧ ପରି କାମ କରେ।

ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ । ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ ।

ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ । ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ ।

ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ । ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ । ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ ।

# ଅଫିସ୍‌ରେ ବସି ବସି ବିନ୍ଧୁଛି କି ଅଣ୍ଟା-ପିଠି; ଅଫିସ୍ ଚେୟାରରେ ହିଁ କରନ୍ତୁ ଏହି ଯୋଗ, ମିଳିବ ଆରାମ

**ଅଫିସ୍‌ରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଚେୟାରରେ ବସି କାମ କରିବା ଦ୍ୱାରା ଅନେକଙ୍କ ଅଣ୍ଟା-ପିଠି ସମସ୍ୟା ଦେଖାଯାଏ। ଯଦି ଜଣେ ବ୍ୟସ୍ତବହୁଳ ଜୀବନଶୈଳୀରେ ଯୋଗ ଅଭ୍ୟାସ କରିବାକୁ ସମୟ ନ ପାଏ, ତେବେ ଏମିତି କିଛି ଯୋଗ ମଧ୍ୟ ଅଛି ଯାହାକୁ ଅଫିସରେ ଅଭ୍ୟାସ କରାଯାଇପାରେ। ଆସନ୍ତୁ ଜାଣିବା...**



ଯେଉଁମାନେ ଅଫିସ୍‌ରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ସମାନ ଅବସ୍ଥାରେ ଡେସ୍କରେ ବସି କାମ କରନ୍ତି, ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅଧିକାଂଶ ଅଫିସ୍ କାମ ପ୍ରାୟ ୯ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ, ଯେଉଁ କାରଣରୁ କର୍ମଚାରୀଙ୍କ ମନ ଏବଂ ଶରୀର ଅନେକ ମାତ୍ରାରେ ପ୍ରଭାବିତ ହୋଇପାରେ। ଦିନସାରା ବସି କାମ କରିବା କାରଣରୁ ମୁଣ୍ଡବିନ୍ଧା, ଥକାପଣ ଏବଂ ଚାପ ଭଳି ସମସ୍ୟା ଆସିବା ସ୍ୱାଭାବିକ।

ଅନେକ ଲୋକ ଅଣ୍ଟା ଏବଂ ପିଠି ଯନ୍ତ୍ରଣାକୁ ନେଇ ଅସୁବିଧାର ମଧ୍ୟ ସମ୍ମୁଖିନ ହୁଅନ୍ତି। ଏହା ବ୍ୟତୀତ ଚର୍ବି ମଧ୍ୟ ବୃଦ୍ଧି ପାଇବାରେ ଲାଗେ। ଶାରୀରିକ କାର୍ଯ୍ୟକଳାପ ବିନା ଚେୟାରରେ ବସି ବସି କାମ କରିବା ଦ୍ୱାରା ମୋଟାପା ବଢେ ଏବଂ ପେଟ ମଧ୍ୟ ବାହାରି ପଡେ। ଅବଶ୍ୟ, ଅଫିସ୍ କାର୍ଯ୍ୟରେ କ୍ରମାଗତ ବସିବା କାରଣରୁ ହେଉଥିବା ସମସ୍ୟାରୁ ମୁକ୍ତି ପାଇବା ପାଇଁ ଅନେକ ଯୋଗ ଅଭ୍ୟାସ ରହିଛି। ଯୋଗ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖେ। ଯଦି ଜଣେ ବ୍ୟସ୍ତବହୁଳ ଜୀବନଶୈଳୀରେ ଯୋଗ ଅଭ୍ୟାସ କରିବାକୁ ସମୟ ନ ପାଏ, ତେବେ ଏମିତି କିଛି ଯୋଗ ମଧ୍ୟ ଅଛି ଯାହାକୁ ଅଫିସରେ ଅଭ୍ୟାସ କରାଯାଇପାରେ। ଅଫିସ୍‌ରେ ଏକ ଚେୟାରରେ ବସି ଏହି ଯୋଗ ଅଭ୍ୟାସ କରିଯାଇପାରିବ। ତେବେ ଆସନ୍ତୁ ସେହିସବୁ ଯୋଗ ବ୍ୟାୟାମ ବିଷୟରେ ଜାଣିବା ଯାହାକୁ ଅଫିସରେ ଏକ ଚେୟାରରେ ବସି ସହଜରେ କରାଯାଇପାରିବ।

*ଅଫିସ୍‌ରେ ଷ୍ଟ୍ରେଚ୍:*

ଅଫିସ୍‌ରେ ବସି ବସି ଆପଣ ଦିନର ଥକ୍କାପଣ ଏବଂ ଶରୀରର ଯନ୍ତ୍ରଣାରୁ ସହଜରେ ଆରାମ ପାଇପାରିବେ। ରକ୍ତ ସଞ୍ଚାଳନକୁ ଉନ୍ନତ କରିବା ଏବଂ ମାଂସପେଶୀ ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଷ୍ଟ୍ରେଚିଂ ଏକ ଭଲ ପ୍ରକ୍ରିୟା। ଶରୀରରେ କୋଲେଷ୍ଟ୍ରଲ୍ ହ୍ରାସ କରିବାରେ ଏହା ଖୁବ ଲାଭଦାୟକ ହୋଇଥାଏ।

*ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଷ୍ଟ୍ରେଚିଂ*

*ଅଫିସ୍‌ରେ କିପରି କରିବେ ଷ୍ଟ୍ରେଚିଂ:*

ଷ୍ଟେପ୍ ୧ – ଅଫିସରେ ବସିବା ସମୟରେ ଷ୍ଟ୍ରେଚିଂ କରିବା ପାଇଁ ପ୍ରଥମେ ଦୁଇ ହାତକୁ ଉପରକୁ ଉଠାନ୍ତୁ ଏବଂ ହାତକୁ ମୁଣ୍ଡ ଉପରକୁ ନେଇ ଯାଆନ୍ତୁ

ଷ୍ଟେପ୍ ୨ – ବର୍ତ୍ତମାନ ଉଭୟ ହାତକୁ ମୁଣ୍ଡ ଉପରେ କ୍ରସ୍ କରନ୍ତୁ ଏବଂ ଶରୀରକୁ ଅଣ୍ଟା ଠାରୁ ଉପରକୁ ଟାଣନ୍ତୁ ଏବଂ ହାତ ଉପରେ ଗୁରୁତ୍ୱ ଦିଅନ୍ତୁ

ଷ୍ଟେପ୍ ୩ –ଶ୍ୱାସକୁ ଭିତରକୁ ନେଇ, ହାତ ଏବଂ ଶରୀରର ଉପର ଅଂଶକୁ ଷ୍ଟ୍ରେଚ୍ କରନ୍ତୁ

ଏହି ପ୍ରକ୍ରିୟାକୁ ତିନିରୁ ଚାରିଥର ପୁନରାବୃତ୍ତି କରନ୍ତୁ।

*ଚେୟାର ପୋଜ୍:*

ଚାପ, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା ଏବଂ ଶରୀର ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆପଣ ଅଫିସ୍ ?ରେ ଚେୟାର ପୋଜ୍ ଅଭ୍ୟାସ କରିପାରିବେ। ଏହାର ଅଭ୍ୟାସ ଅଣ୍ଟା, ମେରୁଦଣ୍ଡ ଏବଂ ଗୋଡକୁ ମଜବୁତ କରେ। ଛାତି ଏବଂ ତଳ ପିଠିକୁ ଆରାମ ଦିଏ। ଏହି ଆସନକୁ ଉତ୍କଟାସନ ମଧ୍ୟ କୁହାଯାଏ।

*ଅଫିସ୍‌ରେ ଚେୟାର ପୋଜ୍ ଅଭ୍ୟାସ*

*କିପରି କରିବେ:*

ଷ୍ଟେପ୍ ୧ – ଏହି ଆସନ କରିବା ପାଇଁ, ଏକ ଚେୟାରରେ ବସି ମେରୁଦଣ୍ଡକୁ ସିଧା କରି ଦୁଇ ପାଦକୁ ଚଟାଣରେ ରଖନ୍ତୁ।

ଷ୍ଟେପ୍ ୨ – ଉଭୟ ପାପୁଲିକୁ ଆଣ୍ଠୁ ଉପରେ ରଖନ୍ତୁ ଏବଂ ଦୀର୍ଘ ଶ୍ୱାସ ନେଇ ଛାତି ବାହାରକୁ ଭିଡନ୍ତୁ

ଷ୍ଟେପ୍ ୩ – କାନ୍ଧକୁ ପଛକୁ ନେଇ ଧୀରେ ଧୀରେ ଶ୍ୱାସ ଛାଡନ୍ତୁ

ଏହି ଆସନକୁ ଅତି କମରେ ପାଞ୍ଚଥର ପୁନରାବୃତ୍ତି କରନ୍ତୁ।

*ଉର୍ଦ୍ଧ୍ୱ ହସ୍ତାସନ:*

ଏହି ଆସନ କରିବା ଦ୍ୱାରା ଚାପ କମିଥାଏ। ଶାରୀରିକ ସନ୍ତୁଳନକୁ ଉନ୍ନତ କରିଥାଏ ଏବଂ ମେରୁଦଣ୍ଡକୁ ସିଧା ରଖିବାରେ ସାହାଯ୍ୟ କରିଥାଏ, ଯାହା ବେକ, ଅଣ୍ଟା ଏବଂ ପିଠି ଯନ୍ତ୍ରଣାକୁ ହ୍ରାସ କରିଥାଏ।

ଅଫିସ୍ ଚେୟାରରେ ଉର୍ଦ୍ଧ୍ୱ ହସ୍ତାସନ

*କରିବାର ପଦ୍ଧତି:*

ଷ୍ଟେପ୍ ୧ – ଏହି ଆସନ ଅଭ୍ୟାସ କରିବା ପାଇଁ ସିଧା ଚେୟାରରେ ବସନ୍ତୁ, ଶ୍ୱାସ ନିଅନ୍ତୁ ଏବଂ ଦୁଇ ହାତକୁ ଉପରକୁ ଉଠାନ୍ତୁ

ଷ୍ଟେପ୍ ୨ – ଏହି ପୋଜରେ କିଛି ସମୟ ରହିବା ପରେ, ଶ୍ୱାସ ଛାଡନ୍ତୁ ଏବଂ ହାତକୁ ତଳକୁ ଆଣନ୍ତୁ ଏହାକୁ ୧୦ ରୁ ୧୫ ଥର ପୁନରାବୃତ୍ତି କରନ୍ତୁ।



# ଘରେ ବନାନ୍ତୁ ଆମ୍ବର ଏହି ସୁଆଦିଆ ରେସିପି



ଆବଶ୍ୟକ ସାମଗ୍ରୀ: ଆମ୍ବ, ସୁଜି, ପାନମଧୁରୀ, ଲୁଣ, ଗୁଡ, ଗୁଆ ଘିଅ, ନଡ଼ିଆ ଓ ରିଫାଇନ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପାଚିଲା ଆମ୍ବର ରସ ବାହାର କରି ତାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ପାଣି ଦିଅନ୍ତୁ।ଏହାପରେ ପାଣି ଫୁଟିଲେ ସେଥିରେ ପାନମଧୁରୀ, ଲୁଣ, ଗୁଡ଼, ଗୁଆ ଘିଅ ଓ ନଡ଼ିଆ କୋରା ପକାନ୍ତୁ। ଏହା ଭଲ ଭାବେ ଫୁଟି ଗଲେ ଗ୍ୟାସକୁ ସିମ୍ କରି ସେଥିରେ ଆମ୍ବ ପ୍ୟୁରୀ ପକାନ୍ତୁ। କିଛି ସମୟ ଫୁଟିବା ପରେ ଗ୍ୟାସକୁ ସିମ୍ କରି ସେଥିରେ ସୁଜି ପକାଇ ଲଗାତାର ଘାଣ୍ଟନ୍ତୁ।

ଜନ୍ତଣି ପ୍ରସ୍ତୁତ ହୋଇଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହା ଥଣ୍ଡା ହେବା ପରେ କାକରା ଗଢ଼ିବା ଆରମ୍ଭ କରି ଦିଅନ୍ତୁ। ପରେ ଅନ୍ୟ ଏକ କଡ଼େଇ ତେଲ ଗରମ କରି ପୂର୍ବରୁ ପ୍ରସ୍ତୁତ କାକରାକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆମ୍ବ କାକରା। ଏହି ରେସିପିଟିକୁ ଆପଣ ପର୍ବପର୍ବାଣିରେ ତିଆରି କରି ଖାଇ ପାରିବେ

# ଶିଡ଼ି ତଳେ ରଖନ୍ତୁନି ଏହି ଜିନିଷ



ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ରଖାଯାଇଥିବା ପ୍ରତିଟି ଜିନିଷ ବ୍ୟକ୍ତିର ଆର୍ଥିକ, ଶାରୀରିକ ଓ ମାନସିକ ସ୍ଥିତି ଉପରେ ଶୁଭାଶୁଭ ପ୍ରଭାବ ପକାଏ। ଆଜିକାଲି ଲୋକେ ବହୁତ କମ୍ ଜାଗାରେ ଘର କରୁଥିବାରୁ ଶିଡ଼ି ଘରେ କିଛି ଜିନିଷ ନିର୍ମାଣ କରି ଦେଉଛନ୍ତି। ଯାହା ବାସ୍ତୁଦୋଷର କାରଣ ପାଲଟି ଯାଉଛି। ବାସ୍ତୁ ଅନୁସାରେ, ଘର ନିର୍ମାଣ ସମୟରେ ଶିଡ଼ି ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଘରର ଭୁଲ୍ ଦିଗରେ ଶିଡ଼ି ନିର୍ମାଣ ଦ୍ୱାରା ଆର୍ଥିକ ସଙ୍କଟ ଦେଖାଯିବା ସହ ପରିବାର ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥାଏ। ତେବେ ଶିଡ଼ି ନିର୍ମାଣ ସମୟରେ କେତୋଟି କଥା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ଶିଡ଼ି ତଳେ ଶୌଚାଳୟ, ରୋଷେଇ ଘର, ପୂଜାଘର, ପଢ଼ାଘର କିମ୍ବା ଷ୍ଟୋର ରୁମ୍ ରଖୀବା ଅନୁଚିତ। ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରୁହେ।

ଘରର ଶିଡ଼ି ସବୁବେଳେ ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ହେବା ଉଚିତ୍।

ଉତ୍ତର କିମ୍ବା ପୂର୍ବ ଦିଗରେ ଶିଡ଼ି ଥିଲେ, ଏଥିଯୋଗୁଁ ଆର୍ଥିକ ଅନଟନ ଦେଖାଯାଏ ବୋଲି କୁହାଯାଏ।

ଶିଡ଼ି ତଳେ ଡଷ୍ଟବିନ୍ ରଖୀବା ଅନୁଚିତ। ଏଥିଯୋଗୁ ବାସ୍ତୁଦୋଷ ସୃଷ୍ଟି ହୋଇଥାଏ।

ସେହିଭଳି ଶିଡ଼ି ତଳେ ଜୋତା କିମ୍ବା ଜୋତା ଷ୍ଟାଣ୍ଡ ରଖୀବା ଅନୁଚିତ। ଏହାଦ୍ୱାରା ଘରେ ଅର୍ଥର ଅଭାବ ଦେଖାଯାଏ।

# କାହିଁକି ପୂଜା ପାଆନ୍ତିନି ବ୍ରହ୍ମା



ହିନ୍ଦୁ ଗ୍ରନ୍ଥ ଓ ପୁରାଣ ଅନୁସାରେ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ହେଉଛନ୍ତି ସୃଷ୍ଟିର ନିର୍ମାତା, ପାଳନକର୍ତ୍ତା ଏବଂ ସଂହାରକର୍ତ୍ତା। ତେବେ ବିଷ୍ଣୁ ଓ ଶିବଙ୍କ ମନ୍ଦିର ଥିବା ବେଳେ ବ୍ରହ୍ମାଙ୍କ ମନ୍ଦିର ଦୃଶ୍ୟମାନ ହୁଏ ନାହିଁ। ବ୍ରହ୍ମାଙ୍କର ଏକମାତ୍ର ମନ୍ଦିର ପୁଷ୍କରରେ ଅଛି। ଦେବୀ ସାବିତ୍ରୀଙ୍କ ଅଭିଶାପ ଯୋଗୁଁ ବ୍ରହ୍ମାଙ୍କ ପୂଜାକୁ ବାରଣ କରାଯାଇଛି। ପୁରାଣ ଅନୁସାରେ, ଏକଦା ସୃଷ୍ଟିକର୍ତ୍ତା ବ୍ରହ୍ମା ହାତରେ ପଦ୍ମ ଫୁଲ ଧରି ନିଜ ବାହନ ହଂସ ଉପରେ ବସି ଅଗ୍ନି ଯଜ୍ଞ ପାଇଁ ଏକ ଉପଯୁକ୍ତ ସ୍ଥାନ ଖୋଜୁଥିଲେ। ସେତିକିବେଳେ ଗୋଟିଏ ସ୍ଥାନରେ ତାଙ୍କ ହାତରୁ ପଦ୍ମ ଫୁଲ ଖସି ପଡ଼ିଲା। ଫୁଲ ପୃଥିବୀପୃଷ୍ଠରେ ପଡ଼ିବା କ୍ଷଣି ଝରଣା ସୃଷ୍ଟି ହେଲା ଏବଂ ସେହି ଝରଣାରୁ ତିନିଟି ସରୋବର ସୃଷ୍ଟି ହେଲା। ଯେଉଁ ସ୍ଥାନରେ ତିନିଟି ଝରଣା ସୃଷ୍ଟି ହେଲା, ତାହା 'ବ୍ରହ୍ମା ପୁଷ୍କର', 'ବିଷ୍ଣୁ ପୁଷ୍କର' ଏବଂ 'ଶିବ ପୁଷ୍କର' ନାଁରେ ପରିଚିତି ଲାଭ କଲା। ଏହା ଦେଖୀ ବ୍ରହ୍ମା ସେହି ସ୍ଥାନରେ ଯଜ୍ଞ କରିବା ନିଷ୍ପତ୍ତି ନେଲେ। ଯଜ୍ଞରେ ପତ୍ନୀ ସାବିତ୍ରୀଙ୍କ ଉପସ୍ଥିତି ଜରୁରି ଥିଲା। କିନ୍ତୁ ସାବିତ୍ରୀ ସେଠାରେ ନଥିଲେ ଏବଂ ଶୁଭ ମୁହୂର୍ତ୍ତ ଗଡ଼ି ଯାଉଥିଲା। ଏହି କାରଣ ଯୋଗୁଁ ବ୍ରହ୍ମା ସେହି ସମୟରେ ଉପସ୍ଥିତ ଜଣେ ସୁନ୍ଦରୀ ଯୁବତୀଙ୍କୁ ବିବାହ କରି ତାଙ୍କ ସହ ଯଜ୍ଞ ସମ୍ପନ୍ନ କଲେ। ଏ କଥା ଯେବେ ଦେବୀ ସାବିତ୍ରୀ ଜାଣିଲେ, ବ୍ରହ୍ମାଙ୍କୁ ଅଭିଶାପ ଦେଇ କହିଲେ, 'ଯିଏ ସୃଷ୍ଟିର ରଚନା କରିଛନ୍ତି, ତାଙ୍କୁ କେଉଁଠି ବି ପୂଜା କରାଯିବ ନାହିଁ।' ଏହି ଅଭିଶାପ ଯୋଗୁଁ ପୁଷ୍କରରେ କେବଳ ଏକମାତ୍ର ବ୍ରହ୍ମାଙ୍କ ମନ୍ଦିର ଅଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁନିତାଙ୍କ ଜୟଯାତ୍ରା...

ଦୀର୍ଘ ୯ମାସ ଧରି ମହାକାଶରେ ଅଟକି ରହିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନିତା ୱିଲିୟମ ଓ ତାଙ୍କ ସାଥୀ ବୁଚ୍ ୱିଲମୋରଙ୍କ ପ୍ରତ୍ୟାବର୍ତ୍ତନ ଘେନି ଲାଗି ରହିଥିବା ଉତ୍କଣ୍ଠାର ଅବସାନ ଘଟିଛି। ସେମାନଙ୍କ ଏହି ସୁଦୀର୍ଘ ରହଣି ପଛରେ ଯାହାବି କାରଣ ଥାଉନା କାହିଁକି ସେମାନଙ୍କ ନିରାପଦ ଅବତରଣ ସମଗ୍ର ବିଶ୍ୱରେ କେବଳ ଆନନ୍ଦ ଖେଳାଇ ଦେଇନି, ବ୍ୟବସ୍ଥା ପ୍ରତି ପୁଣି ଥରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି କରିଛି। ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରୁ ପୃଥିବୀ ପୃଷ୍ଠକୁ ଏହି ୧୭ ଘଣ୍ଟାର ଯାତ୍ରା ଥିଲା ବେଶ ଆହ୍ୱାନପୂର୍ଣ୍ଣ। ଭାରତୀୟ ସମୟ ମାର୍ଚ୍ଚ ୧୯ ତାରିଖ ପ୍ରତ୍ୟୁଷ ୩ଟା ୨୭ ମିନିଟ୍‌ରେ ସୁନିତା ଓ ବୁଚ୍‌ଙ୍କୁ ନେଇ ଆସୁଥିବା ଡ୍ରାଗନ କ୍ୟାପସୁଲ ଆମେରିକାର ଫ୍ଲୋରିଡ଼ା ଉପକୂଳ ସମୁଦ୍ରରେ ଅବତରଣ କରିଥିଲା। ସେମାନଙ୍କୁ ନାସାର ଉଦ୍ଧାରକାରୀଦଳ କ୍ୟାପସୁଲରୁ ବାହାରକୁ ଆଣିଥିଲେ। ଏହି ଉଲ୍ଲସିତ ମୁହୂର୍ତ୍ତରେ ସମୁଦ୍ରରେ କିଛି ଡଲଫିନ୍‌ଙ୍କ ଉପସ୍ଥିତି ପରିବେଶକୁ ଅଧିକ ରୋମାଞ୍ଚିତ କରିଥିଲା। ଭାରତ ସହ କ୍ରମାଗତ ସମ୍ପର୍କରେ ଥିବାରୁ ଏବଂ ସୁନିତାଙ୍କ ପୃଥିବୀ ପ୍ରତ୍ୟାବର୍ତ୍ତନ କ୍ଷେତ୍ରରେ ଲାଗି ରହିଥିବା ଅନିଶ୍ଚିତତାର ଅବସାନ ଘଟିଥିବାରୁ ସମଗ୍ର ଦେଶରେ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଛି। ମହାକାଶ କେନ୍ଦ୍ରରୁ ଭୂପୃଷ୍ଠକୁ ଏହି ୧୭ ଘଣ୍ଟାର ଯାତ୍ରା ଯେ ସମ୍ପୂର୍ଣ୍ଣ ନିରାପଦ ଓ ଚିନ୍ତାଶୂନ୍ୟ ଥିଲା ଏକଥା ନୁହେଁ। ମହାକାଶଚାରୀଙ୍କୁ ନେଇ ଆସୁଥିବା ସ୍ପେସ୍ ଏକ୍ସ ଡ୍ରାଗନ କ୍ୟାପସୁଲ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ପରେ ଏହାର ତାପମାତ୍ରା ୧୯୦୦ ଡିଗ୍ରୀ ସେଲସିୟସରୁ ଅଧିକ ହୋଇଯାଇଥିଲା। ଏକଥା ସତ ଯେ ଏହି ଉଚ୍ଚ ତାପର ପ୍ରଭାବ ସୀମିତ ସମୟ ସକାଶେ ଅନୁଭୂତ ହୋଇଥାଏ ଏବଂ ସମ୍ପୃକ୍ତ ଯାନ ମଧ୍ୟ ତାହାକୁ ପ୍ରତିରୋଧ କରିବାର କ୍ଷମତା ରହିଛି। କିନ୍ତୁ ଏହି ସମୟରେ ୭ ମିନିଟ୍ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବା ଭୂପୃଷ୍ଠ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ନାସା ବୈଜ୍ଞାନିକଙ୍କୁ ବ୍ୟତିବ୍ୟସ୍ତ କରି ଦେଇଥିଲା। ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରୁଥିବା ମହାକାଶଯାନର ବର୍ଦ୍ଧିତ ତାପମାତ୍ରା ବେଳେ ବେଳେ ନିୟନ୍ତ୍ରଣ ସୀମା ଅତିକ୍ରମ କରିଗଲେ ଧ୍ୱଂସ ହୋଇଯିବା ଭଳି ବିପଦର ସମ୍ମୁଖୀନ ହୋଇପାରେ। ଏଭଳି ଏକ ସଂକଟଜନକ ପରିସ୍ଥିତିରେ ଯୋଗାଯୋଗ ବିଚ୍ଛିନ୍ନ ବୈଜ୍ଞାନିକଙ୍କ ମହଲରେ ଆତଙ୍କ ସୃଷ୍ଟି କରିବା ସ୍ୱାଭାବିକ। ସେ ଯାହାହେଉ ପରିସ୍ଥିତିରେ ସ୍ୱାଭାବିକତା ଫେରିଥିଲା ଏବଂ ମହାକାଶଚାରୀ ନିରାପଦରେ ଅବତରଣ କଲେ। ମହାକାଶ ଗବେଷଣା ଓ ମହାକାଶଚାରୀଙ୍କ ଅନୁଭୂତି ଏ କ୍ଷେତ୍ରରେ ସଫଳତାର ନିଶ୍ଚୟ ଏକ ଫର୍ଦ୍ଦ ଯୋଡ଼ିବ। ଏକଥା ସତ ଯେ ଆମେରିକାରେ ନିର୍ବାଚନ ରାଜନୀତିରେ ମହାକାଶଚାରୀଙ୍କ ପ୍ରତ୍ୟାବର୍ତ୍ତନ ଏକ ପ୍ରସଙ୍ଗ ହୋଇଥିଲା। ସ୍ପେସ ଏକ୍ସର ମାଲିକ ତଥା ସିଇଓ ଏଲନ୍ ମସ୍କ ଓ ପୂର୍ବତନ ରାଷ୍ଟ୍ରପତି ବାଇଡେନ୍‌ଙ୍କ ସହ ରାଜନୈତିକ ଦୃଷ୍ଟିକୋଣରୁ ମନାନ୍ତର ରହିବା ସ୍ୱାଭାବିକ। କିନ୍ତୁ ଏ କ୍ଷେତ୍ରରେ ଉଦ୍ଦେଶ୍ୟପୂର୍ଣ୍ଣ ବିଳମ୍ବ ଘଟିବା ନିଶ୍ଚୟ ଏକ ଅସ୍ୱାଭାବିକ ନିଷ୍ପତ୍ତି। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ଜାନୁଆରୀ ୨୮ରେ ଦୁଇ ମହାକାଶଚାରୀଙ୍କୁ ଯଥାଶୀଘ୍ର ଉଦ୍ଧାର କରିବା ସକାଶେ ମସ୍କଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ନାସା ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଥିଲା ଯେ ଏହି ମହାକାଶଚାରୀ ମହାକାଶ କେନ୍ଦ୍ରରେ ଫସି ନାହାନ୍ତି। ସେମାନେ ନିରାପଦ ଓ ସୁସ୍ଥରେ ଅଛନ୍ତି। ଏହି ସଫଳତା ପରେ ଟ୍ରମ୍ପ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ସେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୁନିତାଙ୍କ ଅଦମ୍ୟ ସାହସର ଉଚ୍ଚପ୍ରଶଂସା କରିଛନ୍ତି। ଏହି ସଫଳତା ପାଇଁ ଏଲନ୍ ମସ୍କ ବେଶ ଉତ୍ସାହିତ ହୋଇପଡ଼ିଛନ୍ତି। ସେ ମଙ୍ଗଳଗ୍ରହକୁ ମାନବଯାତ୍ରା ନେଇ ଆଶାବାଦୀ। ତାଙ୍କ ମାଲିକାନାରେ ପରିଚାଳିତ ସ୍ପେସ ଏକ୍ସ ଏ ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟାରମ୍ଭ କରିବ। ସେ ଏକ ସାକ୍ଷାତକାରରେ କହିଛନ୍ତି, ଆସନ୍ତା ୨୦/୩୦ ବର୍ଷ ମଧ୍ୟରେ ମଙ୍ଗଳଗ୍ରହକୁ ମହାକାଶଚାରୀ ପ୍ରେରଣ ସମ୍ଭବପର ହେବ। ନାସା ସହ ଘରୋଇ କମ୍ପାନୀ ସ୍ପେସଏକ୍ସର ମଙ୍ଗଳ ଅଭିଯାନ ସହଯୋଗିତାର ଉଚ୍ଚ ପ୍ରଶଂସା କରିଛନ୍ତି ଇସ୍ରୋର ଅଧ୍ୟକ୍ଷ ଭି ନାରାୟଣନ। ତେଣୁ ଆଗାମୀ ଦିନରେ ପିପିପି ମୋଡ୍‌ରେ ଘରୋଇ ସଂସ୍ଥା ସହ ଇସ୍ରୋର ସହଭାଗିତା ସମ୍ଭାବନାର ସୂଚନା ତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। ଭାରତ ମହାକାଶ ଗବେଷଣାରେ ସୁନିତାଙ୍କ ଦକ୍ଷତାକୁ ବ୍ୟବହାର କରିବାକୁ ଚାହେଁ। ଏହି ଦୃଷ୍ଟାନ୍ତମୂଳକ ସଫଳତାକୁ ଆଖିଆଗରେ ରଖି ଭାରତକୁ ଆଗାମୀ ଦିନରେ 'ଗଗନ ଯାନ' ପ୍ରେରଣର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ହେବ। ମହାକାଶ ଗବେଷଣା ଓ ଜ୍ଞାନକୌଶଳ ବିନିମୟ ମାଧ୍ୟମରେ ଦ୍ରୁତ ଅଗ୍ରଗତି ହାସଲ କରିବା ସମୟର ଆହ୍ୱାନ। ତେଣୁ ଘରୋଇ ସଂସ୍ଥାର ସହଭାଗିତାକୁ ଯଥୋଚିତ ଗୁରୁତ୍ୱ ଦିଆଯିବା ଉଚିତ। ସୁନିତା ୱିଲିୟମସ୍ ଭାରତୀୟ ବଂଶଜ। ଏବେ ବି ତାଙ୍କର ନିଜ ଜନ୍ମମାଟି ପ୍ରତି ଆକର୍ଷଣ ରହିଛି। ସେ ସମୟ ସୁବିଧା ଦେଖି ନିଜର ପୈତୃକ ଗ୍ରାମ ଗୁଜରାଟର ଝୁଲାସାନ ଆସନ୍ତି। ଆମେରିକାରେ ଜନ୍ମ ହୋଇଥିଲେ ମଧ୍ୟ ପାରିବାରିକ ସମ୍ପର୍କ ଏବେ ମଧ୍ୟ ଅତୁଟ ରହିଛି।

## କବିତା କୋଣାର୍କ

### ପ୍ରିୟାକୁ ପ୍ରେମର ଚିଠି

**ପ୍ରଶାନ୍ତ କୁମାର ଦାଶ**

ସପନ ବୁଣଇ ଆଖି ଦୁଇଟିରେ
ନିଶବ୍ଦ ରାତିଟା ଆସି
ଶୋଇପଡ଼ି ଛୁଏଁ ପ୍ରିୟା ତନୁମନ
ଭାବର ସାଗରେ ଭାସି ।।

ଜହ୍ନ ଢାଳୁଥାଏ ମାଟିରେ ଜୋଛନା
ଆକାଶ ବୁକୁରେ ଥାଇ
ବିରହୀ ପ୍ରେମିକ ସାଜି ଝୁରିହୁଏ
ମୋ ପ୍ରିୟାକୁ ପାଏନାହି ।।

ସ୍ନିଗ୍ଧ ଜୋଛନାର ଶୀତଳ ପରଶେ
ବେଶି ମନେପଡେ ପ୍ରିୟା
ନିରାଶାର କୋଣେ
ଅନୁକୋଣେ ନାଚେ
ବନ ହରିଣୀର ମାୟା ।।

ନିରୀହ ମନଟି ଛଟପଟ ହୁଏ
ପାଇବାକୁ ପ୍ରେମ ସାଥୀ
ପ୍ରତୀକ୍ଷା କରେନି ନିଦନେଇ ଫେରେ
ମୋ ଆଖିରୁ ପୁଣି ରାତି ।।

ଲୁହର ଶ୍ୱଦେ ଲେଖିସେ ମୁଁ ଯେ
ପ୍ରିୟାକୁ ପ୍ରେମର ଚିଠି
ବିରହରେ ଜଳେ ତନୁ ମନ ମୋର
କେତେ ଯେ ଯାତନା ଏଠି ।।


କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ



## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



୧୮୮୨ ମସିହା । ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ । ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ । ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍ । ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ । ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ । ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ । ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ । ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା । ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ । ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି । କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ । ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ । ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ । ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା । ପ୍ରତି ବର୍ଷପରି ଚଳିତ ବର୍ଷର ବାର୍ତ୍ତା ରହିଛି - ''ୟେସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି : କମିଟ୍, ଇନଭେଷ୍ଟ ଆଣ୍ଡ ଡେଲିଭର'' (**"Yes! We Can End TB: Commit, Invest, Deliver"**).ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା । ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର । ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ । ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ।

ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି । ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି । ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳୋତ୍ପାଟନ ମଧ୍ୟ ହୋଇପାରୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଗୁଟ୍‌ଖା ହେଉ ବା ବିଡ଼ି, ସିଗାରେଟ, ଗ୍ରାମୀଣ ହାତ ତିଆରି ନିଶା ଦ୍ରବ୍ୟ ହେଉ ବା ମଦ୍ୟପାନ ଏହା ପ୍ରଥମତଃ ଜଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପେଟ, ଲିଭର ଓ କିଡ଼ନୀକୁ ପ୍ରଭାବିତ କରିଥାଏ। ଏହା ଏପରି ଏକ ଜଟିଳ ବିଷାକ୍ତ ପଦାର୍ଥ ଯେ ଏହା ଆପଣଙ୍କୁ ଯକୃତ ଜନିତ କ୍ୟାନସର ବି କରିପାରେ, ଲିଭର ସିରୋସିସ ବି ହୋଇପାରେ ଏବଂ ଏହା ମଧ୍ୟ ଯକ୍ଷ୍ମାରୋଗର ଅନ୍ୟତମ ପ୍ରମୁଖ କାରଣ। ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ । ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା ।

ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି । ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ସର୍ବପ୍ରଥମେ ଆପଣ ନିଜ ପାଇଁ ଭଲ ସ୍ୱାସ୍ଥ୍ୟଗତ ରୁଟିନଟି ତିଆରି କରନ୍ତୁ। ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ ସହ ଶୁଷମ ଖାଦ୍ୟ ଗ୍ରହଣ କରନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ସବୁଜ ପରିବା ଓ ତଟକା ଫଳ ଗ୍ରହଣ କରନ୍ତୁ। ପ୍ରାତଃ ଭ୍ରମଣ, ବ୍ୟାୟାମ, ଯୋଗାସନ ସବୁଠାରୁ ଭଲ ଅଭ୍ୟାସ। ନିରାମିଷ ଖାଦ୍ୟ ଏକ ଭଲ ଅଭ୍ୟାସ, ବାହାରର ଖାଦ୍ୟ, ବାଶୀ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ ଅଭ୍ୟାସ। ନିଜକୁ ସବୁବେଳେ ସକାରାତ୍ମକ ଭାବନା ଭିତରେ ରଖନ୍ତୁ ଯଥାସମ୍ଭବ ଆପଣଙ୍କ ଇଷ୍ଟଗୁରୁ ଆଉ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତଙ୍କ ସହିତ ଏକ ଆନନ୍ଦମୟ ଓ ପ୍ରଫୁଲ୍ଲିତ ସମ୍ପର୍କ ରଖନ୍ତୁ। ଏହା ଆପଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ବଡ଼ ସଞ୍ଜିବନୀ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳୋତ୍ପାଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ।


ପ୍ରଫେସର, ଲିଭର ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ମୋ: ୯୪୩୭୦୫୧୯୫୭


# ପିଲାଙ୍କ ଯକ୍ଷ୍ମାରୋଗ

## ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



ଟ୍ୟୁବରକ୍ଲୋସିସ୍ ବା ଯକ୍ଷ୍ମା ରୋଗରେ ପ୍ରତିବର୍ଷ ପ୍ରାୟ ୯ଲକ୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଯେଉଁମାନଙ୍କ ଭିତରୁ ପ୍ରାୟ ୧୫ଲକ୍ଷ ମୃତ୍ୟୁମୁଖରେ ପଡୁଛନ୍ତି। ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନଙ୍କ ଠାରେ ଶତକଡ଼ା ୨.୮ଭାଗ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ସାଧାରଣତଃ ବଡ଼ଲୋକ ମାନଙ୍କ କାଶ ଦ୍ୱାରା ଜୀବାଣୁ ବାୟୁମଣ୍ଡଳକୁ ଆସିବା ଦ୍ୱାରା ପିଲାମାନେ ଏହାର ସହଜ ଶିକାର ହୋଇଥାନ୍ତି। ପିଲାମାନଙ୍କର ଜୀବାଣୁ ପ୍ରବେଶର ମାଧ୍ୟମ ହେଉଛି ଶ୍ୱାସପଥ। ସେହିପରି ଗର୍ଭାବସ୍ଥାରେ ଗର୍ଭଫୁଲ ମାଧ୍ୟମରେ ଏହାର ସଂସ୍ପର୍ଶ ଶିଶୁର ଶରୀରରେ ସଞ୍ଚରିତ ହେଲେ ପିଲାକୁ ଜନ୍ମଗତ ଯକ୍ଷ୍ମା ରୋଗ ହୋଇପାରେ ଯାହାକି ଅତି ବିରଳ। ଅନେକ ପିଲାଙ୍କର ଏହି ରୋଗର ଜୀବାଣୁ ଦ୍ୱାରା ସଂକ୍ରମଣ ଥିଲେ ମଧ୍ୟ ରୋଗ କିମ୍ବା ରୋଗର ଲକ୍ଷଣ ଦେଖାଯାଇନଥାଏ। ପିଲାଟିର ପ୍ରାଥମିକ ସଂକ୍ରମଣ ଫୁସ୍‌ଫୁସ୍‌ରେ ଦେଖାଦେଇଥାଏ। ତା'ପରେ ଲସିକାବାହିନୀର ପ୍ରବାହ ହୋଇ ଫୁସ୍‌ଫୁସ୍‌ର ସେହି ଅଂଶର ଲସିକା ଗ୍ରନ୍ଥିର ବୃଦ୍ଧି ହୋଇଥାଏ। ପିଲାଟି ୩-୪ ବର୍ଷ ବୟସ ହୋଇଥିଲେ ତାର ପ୍ରତିରୋଧକ ଶକ୍ତି କମ୍ ଥିବାରୁ ଏହି ରୋଗର ସମ୍ଭାବନା ଅଧିକ। ଦୀର୍ଘଦିନ ଧରି ଜ୍ୱର ହେବା, ପିଲାର ଓଜନ କମିଯିବା ହେଉଛି ଯକ୍ଷ୍ମାରୋଗ ପ୍ରଧାନ ଲକ୍ଷଣ। କେତେକ କ୍ଷେତ୍ରରେ ପିଲାମାନଙ୍କର ଟନ୍‌ସିଲ, ଚର୍ମ ଓ ଅନ୍ତଃନାଳୀରେ ମଧ୍ୟ ପ୍ରାଥମିକ ସଂକ୍ରମଣ ହୋଇପାରେ। ପିଲାମାନଙ୍କ ଠାରେ ଏଣ୍ଡୋବ୍ରୋଙ୍କିଏଲ ଯକ୍ଷ୍ମା ରୋଗ ଅଧିକ ମାତ୍ରାରେ ଦେଖାଯାଏ। ସେହିପରି ପିଲାମାନଙ୍କର ଫୁସ୍‌ଫୁସ, ମସ୍ତିଷ୍କ, ଯକୃତ, ଅସ୍ଥି, ଗଣ୍ଠି, ବୃକକ୍‌ରେ ମଧ୍ୟ ଯକ୍ଷ୍ମା ରୋଗର ସଂକ୍ରମଣ ଦେଖାଯାଏ। ତେବେ ଶତକଡ଼ା ୪୧ ଭାଗ କେବଳ ଛାତି ଭିତରେ ହିଁ ପିଲାମାନଙ୍କୁ ଯକ୍ଷ୍ମାର ଯନ୍ତ୍ରଣା ଦେଇଥାଏ। ଶିଶୁ ବା ପିଲାମାନଙ୍କର ପ୍ରାଥମିକ ଲକ୍ଷଣ ଦେଖା ଦେଇନଥିଲେ ବି ଲହରା କାଶ କିମ୍ବା ମିଳିମିଳା ରୋଗ ହେଲେ ଏହି ରୋଗର ଲକ୍ଷଣ ଜଣାପଡ଼ିଥାଏ। ଯେଉଁ ପିଲାମାନଙ୍କର ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯକ୍ଷ୍ମାରୋଗ ଦେଖାଦେଇଥାଏ ସେମାନେ ପ୍ରାଥମିକ ସ୍ତରରୁ ଚିକିତ୍ସା କଲେ ପିଲାଟି ବଡ଼ ହେଲାବେଳକୁ ଏହା ଆରୋଗ୍ୟ ସାଧ ହୋଇଥାଏ। କେତେକ ପିଲାଙ୍କର କାଶ ଦେଖାଯାଇ ସେମାନଙ୍କର ପ୍ଲୀହା ବୃଦ୍ଧି ହୋଇଥାଏ। ସାଧାରଣ ଡାକ୍ତରଙ୍କ ଷ୍ଟେଥସସ୍କୋପ ଦ୍ୱାରା ଫୁସ୍‌ଫୁସର କିଛି ଶବ୍ଦ ଶୁଣାଯାଇନଥିଲେ ବି ଏକ ପ୍ରକାର ଶବ୍ଦ ଚିକିତ୍ସକ ଜାଣିପାରନ୍ତି ଯାହାକି ଛାତି ଏକ୍ସରେ ଦ୍ୱାରା ଜଣାପଡ଼େ। ଏପରି ରୋଗରେ ପିଲାଟିର ଟ୍ୟୁବାରକୁଲିନ୍ ଟେଷ୍ଟ ଦରକାର ପଡ଼ିଥାଏ। କିଛି ପିଲାମାନଙ୍କ ପେଟରେ ଜଳ ଜମି ଯିବା ଯୋଗୁଁ ପେଟ ବ୍ୟଥା ହେବା ସହ ଶରୀରର ବୃଦ୍ଧି ହୁଏନାହିଁ ଓ ଦୀର୍ଘଦିନ ଧରି ତରଳ ଝାଡ଼ା ହୋଇଥାଏ। ଏହା ପିଲାମାନଙ୍କର ଆବ୍‌ଡୋମିନାଲ ଟ୍ୟୁବରକ୍ଲୋସିସ୍। ଫୁସ୍‌ଫୁସ୍‌ରୁ ରକ୍ତ ଦ୍ୱାରା ଜୀବାଣୁ ପ୍ରଭାବିତ ହୋଇ ପିଲାମାନଙ୍କର ଅସ୍ଥି ଓ ଗଣ୍ଠିରେ ଏହି ରୋଗ ଦେଖାଦେଇ ପିଲାଟିର ମେରୁଦଣ୍ଡ ଅସ୍ଥି, ହିପ୍ ଜଏଣ୍ଟ, ନି ଜଏଣ୍ଟ ଏବଂ ସ୍ଥଳବିଶେଷରେ ହାତ ଓ ଗୋଡ଼ ଆଙ୍ଗୁଠିରେ ମଧ୍ୟ ଦେଖାଯାଇଥାଏ।

ସାଧାରଣତଃ ମାଇକ୍ରୋ ବ୍ୟାକ୍ଟୋରିନ୍ ଟ୍ୟୁବରକ୍ଲୋସିସ୍ ନାମକ ବ୍ୟାକ୍ଟୋରିଆ ସଂକ୍ରମଣ ହୋଇ ଶରୀର ଭିତରକୁ ଗଲେ ଟିବି ରୋଗ ଦେଖାଯାଏ। ପିଲାମାନଙ୍କ ଠାରେ ଦୁଇ ପ୍ରକାର ଟ୍ୟୁବରକ୍ଲୋସିସ୍ ରୋଗ ଦେଖାଯାଏ। ଗୋଟିଏ ହେଉଛି ଫୁସ୍‌ଫୁସ୍ ଜନିତ ଅନ୍ୟଟି ହେଉଛି ଫୁସ୍‌ଫୁସ୍ ବାହାରେ ଯଥା ପିଲାମାନଙ୍କ ମେରୁଦଣ୍ଡ ହାଡ଼, ଆଖି, କାନ, ତଣ୍ଟି, ମସ୍ତିଷ୍କ, ପେଟ ପ୍ରମୁଖ। ପିଲା ମାନଙ୍କର ଟ୍ୟୁବରକ୍ଲୋସିସ୍‌ର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି ସଂଧ୍ୟା ବେଳେ ଜ୍ୱର ଅନୁଭବ କରେ ଯାହାକି ବହୁତ ଦିନ ଧରି ରହେ। ତାକୁ ଥଣ୍ଡା ଲାଗେ, ଭୋକ ସେପରି ହୁଏନା। ଓଜନ କମିଆସେ, କାଶ ହୁଏ ଆଉ କାଶରେ କଫ ପଡ଼େ। କେତେକ କ୍ଷେତ୍ରରେ କଫରେ ରକ୍ତର ଅଂଶ ରହେ। ପିଲାଟିକୁ ଦୁର୍ବଳ ଓ ହାଲିଆ ଲାଗେ। ପିଲାମାନଙ୍କୁ ଯକ୍ଷ୍ମାର ପ୍ରମୁଖ କାରଣ ହେଉଛି ଉଚ୍ଚ ପୌଷ୍ଟିକଯୁକ୍ତ ଖାଦ୍ୟ କମ୍ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ଯକ୍ଷ୍ମା ରୋଗୀ ସଂସ୍ପର୍ଶ ଠାରୁ ପିଲାଟିକୁ ଦୂରେଇ ନଆଣିବା। ବୟସ୍କ ଲୋକମାନଙ୍କ ଅପେକ୍ଷା ପିଲାମାନଙ୍କର ଯକ୍ଷ୍ମାର ଯନ୍ତ୍ରଣା କଷ୍ଟସାଧ। ପିଲାଟିର ଯକ୍ଷ୍ମା ଚିହ୍ନଟ ହେଲେ କଫ ପରୀକ୍ଷା ସହ ଛାତିର ଏକ୍ସରେ କରାନ୍ତୁ। ପରେ ଦରକାର ପଡ଼ିଲେ ରକ୍ତ ପରୀକ୍ଷା କରନ୍ତୁ। ରାଜ୍ୟ ସରକାର କେବଳ ରାଜ୍ୟର ବଡ଼ ମେଡ଼ିକାଲ ବା ଶିଶୁଭବନ ନୁହେଁ ସମସ୍ତ ଜିଲ୍ଲାସ୍ତରୀୟ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷକରି ଯକ୍ଷ୍ମା ରୋଗ ପାଇଁ ଯଥେଷ୍ଟ ପରିମାଣର ମାଗଣା ଔଷଧ ଓ ବିନା ମୂଲ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରିଛନ୍ତି। କେବଳ ସେତିକି ନୁହେଁ ଶିଶୁରୋଗ ବିଶେଷଜ୍ଞ, ଶିଶୁପୁଲ୍‌ମୋନାରୀ ମେଡ଼ିସିନ୍ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡିଓଟି ବା ଡାଇରେକ୍ଟଲି ଅବଜରଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ କେମୋ ଥେରାପି ବା ଯାହାକୁ ସାଧାରଣରେ ଡଟ୍‌ସ ଚିକିତ୍ସା କୁହାଯାଏ। ପିଲାଟିକୁ ଏହାର ସୁଯୋଗ ଦିଅନ୍ତୁ। ଧୈର୍ଯ୍ୟଧରି ପିଲାଟିର ଚିକିତ୍ସା ବ୍ୟବସ୍ଥା କରାନ୍ତୁ। କୌଣସି କ୍ଷେତ୍ରରେ ଡଟସ୍‌ର ଛଅମାସ ଅବଧି ଭିତରେ ପିଲାଟିର ଚିକିତ୍ସା ହେଳା କରନ୍ତୁ ନାହିଁ। ଯକ୍ଷ୍ମା ଯେହେତୁ ଏକ ସଂକ୍ରାମକ ରୋଗ ତେଣୁ ପିଲାଟିର କାଶ ଓ ଛିଙ୍କ ବେଳେ ତାକୁ କପଡ଼ାର ବ୍ୟବହାର ଶିଖାନ୍ତୁ। ପିଲାର ବିଛଣା ଓ ଲୁଗାପଟା ସଫା ରଖନ୍ତୁ ଓ ଉତ୍ତମ ଓ ମୁକ୍ତ ପବନ ଚଳାଚଳ କରୁଥିବା ଘରେ ରହିବାକୁ ଦିଅନ୍ତୁ। ପିଲାଟିକୁ ମାନସିକ ଭାବେ ଧୈର୍ଯ୍ୟ ଦିଅନ୍ତୁ ଓ ଯଥେଷ୍ଟ ପରିମାଣର ସୁଷମ ଓ ପୌଷ୍ଟିକ ଖାଦ୍ୟ ପିଲାଟିକୁ ଦିଅନ୍ତୁ। କୌଣସି ପରିସ୍ଥିତିରେ ଗାଁ ଗଣ୍ଡାର କାହା କଥା ଶୁଣି ତୁଟୁକା ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ ବା ଗୁଣି ଗାରେଡ଼ି ବିଶ୍ୱାସ ନିଅନ୍ତୁ ନାହିଁ। ପିଲାଟିର ମୂଲ୍ୟବାନ ଜୀବନ ଏମାନଙ୍କ ହାତରେ ଛାଡ଼ି ଦିଅନ୍ତୁ ନାହିଁ। ବିଶ୍ୱରେ ଅଧିକ ସଂଖ୍ୟାଙ୍କ ପିଲା ଏହି ଟିବି ରୋଗର ସହଜ ଆକ୍ରାନ୍ତ ହେଉଥିଲେବି ଭାରତ ପରି ବିକାଶଶୀଳ ଦେଶରେ କେବଳ ବିଶ୍ୱରେ ଯେଉଁଠି ବର୍ଷକୁ ୯୦ଲକ୍ଷ ଟିବି ରୋଗୀ ରହିଛନ୍ତି ସେଥିରୁ ଭାରତରେ ୨୩ଲକ୍ଷ। ଆସନ୍ତୁ ଆଜି ବିଶ୍ୱ ଟ୍ୟୁବରକ୍ଲୋସିସ୍ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାର୍ତ୍ତା ସହ ଏକମତ ହୋଇ ଏହାକୁ ଦୂରେଇବା ପାଇଁ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା।




ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ, ବାଲେଶ୍ୱର


# ଆମ ସରକାର ଚାଲିଛି କେମିତି ?

## ସୁବ୍ରତ କର



ଏହି ନୂଆ ସରକାରଙ୍କୁ ପ୍ରାୟ ୯ ମାସ ହୋଇ ସାରିଲାଣି ଏବଂ ଏବେକାର ଚାଲିଥିବା ଏସେମ୍ବ୍ଲିକୁ ନେଇ ଦୁଇଥର ବସି ସାରିଲାଣି କିନ୍ତୁ ସବୁକିଛି ନାହିଁ ନାହିଁରେ ଚାଲିଛି । ମୂଳରୁ ଗୁଡ଼ାଏ ଏ ପର୍ଯ୍ୟନ୍ତ ମନ୍ତ୍ରୀପଦ, ବିଭିନ୍ନ ବିଭାଗ ଜଡ଼ିତ କୋରପରେସନ ଗୁଡ଼ିକର ଚେୟାରମେନ ପଦବୀଠୁ ଆରମ୍ଭ କରି ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀ ସବୁ ଖାଲି ପଡ଼ିଛି । ଏହା ଉପରେ ପ୍ରଶ୍ନ ଉଠିଲେ ବିଭାଗୀୟ ମନ୍ତ୍ରୀଙ୍କଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତଙ୍କଠାରୁ ଗୋଟାଏ ଉତ୍ତର 'ଏହି ମାସ ଶେଷରେ ସବୁ ଭରଣା ହୋଇଯିବ' । ଏ ସବୁକୁ ଛାଡ଼ିଦେଲେ ସବୁଠୁ ବଡ଼ ପ୍ରଶ୍ନ ଉଠୁଛି ଆମ ରାଜ୍ୟରେ ସରକାରୀ ସ୍ତରରେ ୧୭ଟି ବିଶ୍ୱ ବିଦ୍ୟାଳୟ ରହିଛି ଏବଂ ତନ୍ମଧ୍ୟରୁ ୯ଟି ବିଶ୍ୱ ବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି । ଦୁଇଟି ବିଶ୍ୱ ବିଦ୍ୟାଳୟରେ ଯଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏବଂ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟଠାରେ ଜଣେ କୁଳପତି ଦୁଇ ଦୁଇଟା ଦାୟିତ୍ୱ ତୁଲାଉଛନ୍ତି । ଏମିତି ଆଉ କେତେଗୁଡ଼ାଏ ୟୁନିଭରସିଟିରେ ଥିବା କୁଳପତିମାନଙ୍କୁ ୬ମାସ ବା ଏକବର୍ଷ ପର୍ଯ୍ୟନ୍ତ ବଢ଼ା ଯାଇଛି। କାହିଁକି ବା କେଉଁ କାରଣରୁ କୁଳପତିଙ୍କୁ ବଛା ହୋଇ ପାରୁନାହିଁ (ଉପଯୁକ୍ତ ଲୋକଙ୍କ ଅଭାବ) ହୋଇ ଉତ୍ତର ଏକମାତ୍ର ସରକାର ଦେଇ ପାରିବେ ।

ପରବର୍ତ୍ତୀ ସ୍ତରରେ ଏହି ସବୁ ବିଶ୍ୱ ବିଦ୍ୟାଳୟମାନଙ୍କରେ ମଞ୍ଜୁରିପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା ହେଉଛି ୨୦୨୭, ସେଥିମଧ୍ୟରୁ ୧୩୫୩ ପଦ ଖାଲି ପଡ଼ିଛି। ଅଣଶିକ୍ଷକ ପଦ ପଦବୀର ସଂଖ୍ୟା ୨୮୭୯। ସେଥିରୁ ୨୦୮୧ ପଦ ଖାଲି ପଡ଼ିଛି । ଏ ସବୁ ମୁଁ କହୁନାହିଁ ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ଏସେମ୍ବ୍ଲିରେ ପ୍ରଶ୍ନକାଳ ସମୟରେ ଉତ୍ତର ରଖିଛନ୍ତି ।

ଏବେ ଆସିବା ସରକାରଙ୍କ ବିଭିନ୍ନ ବିଭାଗର ସ୍ଥିତି କଣ ରହିଛି ? ରାଜ୍ୟରେ ୬୭ଜଣ ଆଇ.ଏ.ଏସ, ୬୯ ଜଣ ଆଇପିଏସ ପଦ ଖାଲି ପଡ଼ିଛି । ଏହା ସହିତ ୨୫୩ ଜଣ ଓଏଏସ ଅଧିକାରୀ ନାହାନ୍ତି। ୨୫୩ ଜଣ ଓପିଏସ, ୨୭୪ ଓଡ଼ିଶା ଅର୍ଥ ସେବା, ୬୧୧ ଜଣ ବନ ସେବା ଅଧିକାରୀ ନାହାନ୍ତି । ଏହି ତଥ୍ୟ ରଖିଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ ନିଜେ ।

ଏବେ ଆସିବା ସ୍ୱାସ୍ଥ୍ୟ ବିଭାଗର ଖବର ଜାଣିବା । ଆମ ରାଜ୍ୟରେ ସରକାରୀ ମେଡିକାଲ କଲେଜଠାରୁ ଆରମ୍ଭ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ପ୍ରାୟ ୬୭୬୦ ଡାକ୍ତର ପଦ ଖାଲି ପଡ଼ିଛି। ମଞ୍ଜୁରୀପ୍ରାପ୍ତ ୧୫୭୭୪ ପଦରୁ ୫୧୭୫ ପଦ ଖାଲି ପଡ଼ିଛି । ଦାନ୍ତ ଡାକ୍ତର ମଞ୍ଜୁର ପ୍ରାପ୍ତ ୫୮୪ ପଦରୁ ୧୮୮ ପଦ ଖାଲି ପଡ଼ିଛି । ତେବେ ଖାଲି ପଡ଼ିଥିବା ପଦ ମଧ୍ୟରୁ ୫୮୨୨ ଜଣ ଡାକ୍ତର ପଦବୀକୁ ପୂରଣ କରିବା ପାଇଁ ସରକାର ଓଡ଼ିଶା ଲୋକସେବା ଆୟୋଗକୁ ପୂରଣ କରିବା ପାଇଁ ଅନୁରୋଧ କରିଛନ୍ତି । ଏ ଖବର ମଧ୍ୟ ଖୋଦ୍ ସ୍ୱାସ୍ଥ୍ୟମନ୍ତ୍ରୀ ଏସେମ୍ବ୍ଲି ପ୍ରଶ୍ନ ଉତ୍ତର କାଳରେ ଜଣାଇଛନ୍ତି ।

ଶେଷରେ ଆସିବା ପାରା ମେଡିକାଲ କର୍ମୀମାନଙ୍କର ଅବସ୍ଥା କଣ ଜାଣିବା। ରାଜ୍ୟରେ ୧୭୨୨ ନର୍ସିଂ ଅଧିକାରୀ, ୨୨୬ ଫାର୍ମାସି, ୮୫ ଲେବରଟେରି ଟେକନିସିଆନ୍, ୧୦୭ଟି ରେଡିଓ ଗ୍ରାଫର ଏବଂ ୬୫୦୭ଟି ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦ ଖାଲି ପଡ଼ିଛି। ଆମେ ଆଉ ଅନ୍ୟ ବିଭାଗ ଏବଂ ତଳସ୍ତରକୁ ଯିବାର ଆବଶ୍ୟକତା ନାହିଁ । ଭାତ ହାଣ୍ଡିରୁ ଗୋଟାଏ ଭାତକୁ ଚିପିଲେ ଜଣାପଡ଼େ ଭାତ ହୋଇଛି କି ନାହିଁ ସେହିପରି ସରକାରଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବଂ ପଦପଦବୀ ଦେଖିଲା ପରେ ମନେ ହୁଏ ସରକାର ଚାଲିଛି କେମିତି ?

# ମୋ ମାଆ ମୋର ପ୍ରଥମ ଗୁରୁ



ନୂତନ କୁମାର ବେହେରା



ମହାବିଦ୍ୟାଳୟର ଫାଟକ ଅତିକ୍ରମ କରୁ କରୁ ଅଙ୍କିତା ବେଶ୍ ଅନୁମାନ କରିନେଲା ଆଜିର ପରିବେଶକୁ,ଅନ୍ୟ ଦିନଠାରୁ କିଛି ନିଆରା। ଡିସେମ୍ବର ମାସର ପ୍ରବଳ ଶୀତରେ ବିରୋଧ ତାକୁ ଅନୁଭବ ହେଉଥିଲା ଉଷୁମ ଉଷୁମ।

ଯାଉଁ ଯାଉଁ ଶ୍ରେଣୀ କଠୋରୀ ଆଡ଼କୁ ଜୋରରେ ପାଦ ପକାଇ ଦ୍ରୁତ ବେଗରେ ଅଙ୍କିତା ପାଖକୁ ଆସିଲେ ଶ୍ରବଣା, ମାଧୁରୀ ଓ ଅର୍ପିତା... ତାକୁ ଢେର୍ ସାରା ଅଭିନନ୍ଦନ ଜଣାଇ ପାଛୋଟି ନେଲେ ପାଠାଗାର ଆଡ଼କୁ। ଏ ତିନି ଜଣ ତାର ଅତି ପ୍ରିୟ। କଲେଜ୍‌ରେ ଏ ଚାରି ବାନ୍ଧବୀଙ୍କର ଭଲ ପଡ଼େ। ତାଙ୍କ ଭିତରେ ଖୁବ୍ ମେଳ। ପାଠରେ ତଥା କଥା ଭାଷା ରୁଚି ନୀତିରେ...ସଭିଏଁ ପ୍ରାୟତଃ ନିଜ ନିଜର ଯେତେ କଥା ଗପନ୍ତି ନିରୋଳା ବେଳେ। କ୍ଲାସ୍ ନଥିଲେ ବସନ୍ତି ଯାଇ ବଗିଚାରେ ବା ପାଠାଗାରରେ।

ସେ ଦିନ ତରୁଣକୁ ନେଇ କଲେଜ ସାରା ଚର୍ଚ୍ଚା ହେଉଥିଲା, ସବୁରି ମୁହଁ ଶୁଣିବାକୁ ମିଳୁଥିଲା ଅରୁଣର ପ୍ରଶଂସା। ଏଇ ଅରୁଣ ତାଙ୍କ ସହିତ ପଢ଼େ। ଭାରି ମେଧାବୀ ବିଚକ୍ଷଣ, ଶାନ୍ତ ଶିଷ୍ଟ ନମ୍ର ଭଦ୍ର। ଦେଖିବାକୁ ବି ସୁନ୍ଦର। ହେୟାର କଟ୍ ମାର୍ଜିତ, ସାଧାସିଧା ପୋଷାକ ସେଇ କଲେଜ୍ ୟୁନିଫର୍ମ। ଅଳ୍ପ ମଧୁର କଥା, ହଁ କି ନାରେ ଉତ୍ତର ଦିଏ। ଜରୁରୀ ମନେ କଲେ ଛୋଟିଆ ଗୋଟେ କି ଦି'ଟା ବାକ୍ୟ କହେ। ଦଳ ଦଳ ସାଙ୍ଗ ମେଳରେ ପ୍ରାୟତଃ ରହେନି। ପାଠ, କଲେଜ୍ ଆଉ ମେସ୍, ରାସ୍ତାରେ ଏକା ଏକା ଚାଲିଥାଏ ସଂଯମରେ। ବୁଲା ବୁଲି ବହୁତ କମ୍ କରେ... ଦରକାର ପଡ଼ିଲେ। ତେଣୁ ଅନେକ ସାଙ୍ଗ ତାକୁ ଚିଡ଼ାଇବା ନୂଆ ନୂଆ ନାଆଁରେ ଡାକନ୍ତି। କିଏ କହେ ମଫ କିଏ କହେ କାର୍ଟୁନ୍ ବା ଆଉ କିଛି। ପ୍ରତିକ୍ରିୟା କିଛି ତରୁଣ ଦେଖାନି। କେବେ କେବେ ଚାହିଁ ଦେଇ ହସି ଦିଏ ବା ସେ ଦିଗକୁ ନଜର ନ ଦେଇ ତା' ମନରେ ସେ ରହେ।

ଏଇ ଅରୁଣ ଗତକାଲି ନିଜ ଲେଖା କବିତା ପାଠ ଇଣ୍ଟର୍ କଲେଜ୍ ପ୍ରତିଯୋଗିତାରେ ବିଶ୍ୱ ବିଦ୍ୟାଳୟରେ ପ୍ରଥମ ହୋଇଛି। ସ୍ୱର୍ଣ୍ଣ ପଦକ ଲାଭ କରିଛି। ଏତେ ବଡ଼ ପ୍ରତିଯୋଗିତାରେ ପ୍ରଥମ ହେବା କମ୍ ବଡ଼ କଥା ନୁହେଁ। ରାଜା ଗଡ଼ ଜିଣିଲା ପରି ... ତାର ଏଇ ସଫଳତା ପାଇଁ ସମସ୍ତେ ପ୍ରଶଂସା କରୁଥିଲେ। ନିଜ କଲେଜ୍ ତରଫରୁ ଆଜି ଏକ ସ୍ୱତନ୍ତ୍ର ସଭାରେ ତରୁଣକୁ ସମ୍ବର୍ଦ୍ଧନା ଦିଆଯିବ। ମାନ୍ୟବର ଭାଇସ୍ ଚ୍ୟାନ୍ସଲେର୍ ବିଜ୍ଞପ୍ତି ଦେଇଛନ୍ତି।

ଏତେ ସବୁ କଥାର ଧାରା ବିବରଣୀ ଅଙ୍କିତାକୁ ଶୁଣାଇଲେ ତାର ତିନି ବାନ୍ଧବୀ ଶ୍ରବଣା, ମାଧୁରୀ ଓ ଅର୍ପିତା। କାରଣ ଏ ସବୁ ସେ ଜାଣି ନ ଥିଲା। ଘରୋଇ କିଛି କାମରେ ଦୁଇ ଦିନ ଅଙ୍କିତା କଲେଜ୍ ଆସି ନ ଥିଲା। ତାଙ୍କ ଫୋନ୍‌ରୁ କିଛି ଆଭାସ ପାଇଥିଲା...ତରୁଣ ଭିତରେ ଏ କବି ପ୍ରତିଭା ଛପିଥିଲା ସେ କି କେହି ବି ଜାଣି ନ ଥିଲେ। ଆଉ ଏ କଥା ତାକୁ ଶୁଣାଇବାର ଅର୍ଥ ତରୁଣକୁ ଅଙ୍କିତା ଭଲ ପାଏ ପ୍ଲସ୍ ଥ୍ରୀ ପ୍ରଥମ ବର୍ଷରୁ... କିନ୍ତୁ ତାଙ୍କର ସାଇଲେଣ୍ଟ୍ ଲଭ୍, ଏକାଠି ବସି ଗପିବାର ନାହିଁ କି ସାଥୀରେ ପାର୍କ,ମଲ୍, ରେଷ୍ଟୁରାଣ୍ଟ୍ କି ସିନେମା ଯିବାର ନାହିଁ। ଦୁହେଁ ମିଶି କେବେ ଭ୍ରମଣରେ ଯାଇ ନାହାଁନ୍ତି। ଏ କଥା ସେ ତିନି ଜଣ ବାନ୍ଧବୀ କେବଳ ଜାଣନ୍ତି।ଅଙ୍କିତାର ବିଶ୍ୱସ୍ତା ବାନ୍ଧବୀ ସେମାନେ। ସେଇଥି ପାଇଁ କାହାକୁ କେବେ କେହି କହି ନାହାଁନ୍ତି। ବନ୍ଧୁତା ପରିଭାଷାକୁ ସମ୍ମାନ ଦେଇ... ଗୁପ୍ତ ରଖିବା ଜରୁରୀ ଭାବି ଗୁପ୍ତ ରଖିଛନ୍ତି ଏ କଥା।

କବିତା ପ୍ରତିଯୋଗିତାର ଶୀର୍ଷକ ଥିଲା ' ମୋ ପ୍ରଥମ ଗୁରୁ '। ସବୁ କଥା ସରିବା ପରେ ଅର୍ପିତା.... ନିଜେ ଅରୁଣ ଲେଖିଥିବା ଓ ପଠନ କରିଥିବା କବିତାଟିର ଏକ ଜେରକ୍ସ କପି ଅଙ୍କିତାକୁ ବହି ଭିତରୁ କାଢ଼ି ଦେଲା...ଅଙ୍କିତା କବିତାଟି ଧରି...ଚଉତା ଥିବା କାଗଜ ଖୋଲି ତା' ଆଖି ଯୋଡ଼ିଏକୁ ସେ କବିତାରେ ଫୋକସ୍ କଲା। ସେ କବିତା ତରୁଣ ଲେଖି ଥିଲା ଏମିତି....... ମୋ ପ୍ରଥମ ଗୁରୁ

ମୋ ପ୍ରଥମ ଗୁରୁ ମୋ ପାଇଁ ଦେବୀ ମୋ ମାଆ ଜୀବନର ଦୁର୍ବିସହ କ୍ଲିଷ୍ଟ ନିଦାଘରେ ଯିଏ ମୋ ପାଇଁ ବାଞ୍ଛା କଳ୍ପତରୁ ହୋଇ ଦିଏ ଶୀତଳ ଛାୟା ସିଏ ମୋ ଜନ୍ମଦାତ୍ରୀ ମାଆ ସେ ମମତାମୟୀ ସ୍ନେହମୟୀ ମାଆ ଜୀବନେ ସଦା ଦେଖାଏ ମୋତେ ରାହା ପାଇଛି ପାଉଛି ମୁଁ ଯାହା ସବୁ ତ ତା' ଠାରୁ ତା' ପ୍ରେରଣାରେ ଜିତେ ମୁଁ ତ ହାରୁ ହାରୁ ମୋ ମାଆ ମୋର ପ୍ରଥମ ଗୁରୁ ସେ ଜନ୍ମ ଦେଇ ମୋତେ ଜଗତର ଆଲୋକ ଦେଖାଇବାକୁ ପ୍ରଥମେ ହୋଇଛି ସାହା ମୋ କୁନି ହାତ ଧରି ଶିଖାଇଲା ଚାଲିବାକୁ ମୋତେ ଉତ୍ସାହ ଦେଲା ତାଳି ମାରି ସାହସ ଶକତି ଦିଏ ହୃଦୟେ ଭରି ଆଗରେ ପଛରେ ହୋଇ ଠିଆ ମୋ ପ୍ରଥମ ଗୁରୁ ମୋ ପୂଜ୍ୟନୀୟା ବନ୍ଦନୀୟା ମାଆ ଚାଲୁ ଚାଲୁ ବାଟେ ପଡ଼ିଲେ ଝୁଣ୍ଟି ଦଉଡ଼ି ଆସି କୋଳାଇ ନିଏ ତା' ପଣତରେ ମୁହଁ ପୋଛି ଦିଏ ମୋ ଆଖିରୁ ଲୁହ ଝରୁ ଝରୁ ଅମିୟ ଧାରା ବହି ଆସେ ତା' ହୃଦୟରୁ ମାଆ ନାମ ମହୁଠୁ ଅଧିକ ମଧୁର ସିଏ ମୋ ପାଇଁ ସବୁଠୁ ବେଶି ନିଜର ମୋ ମୁଣ୍ଡରେ ତାର ହାତ ରଖି ଶୁଭ ମନାସି ମୋର ଆଶିଷ ମାଗେ ଦିଅଁ ଦେବତାଙ୍କଠାରୁ ସୁଖ ଶାନ୍ତି ତୃପ୍ତି ମିଳୁ ମୋତେ ଜୀବନରେ କେବେ ନ ଯାଏଁ ହାରି ମୋ ମାଆ ନମସ୍ୟା ଅଖଣ୍ଡ ତା' ତପସ୍ୟା ସେବା ଯତ୍ନ ତ୍ୟାଗେ ଧରିତ୍ରୀ ପରି ସର୍ବଂସହା କାଚରୁ କାଞ୍ଚନ କରିବାକୁ ମୋତେ କରେ କେତେ ବାର ବ୍ରତ ଓଷା ଦୁଃଖ ବିଷାଦ ଦୂର କରେ ମୋ ମନରୁ ସେଇ ମୋ ପ୍ରଥମ ଗୁରୁ ମୋ ମାଆ ମୋର ପ୍ରଥମ ଗୁରୁ...। କବିତାଟି ପଢ଼ି ସାରିଲା ବେଳକୁ ତା' ଆଖିରେ ଲୁହ ଜକେଇ ଆସିଲା...ମନେ ପଡ଼ିଗଲା ସେ ଦିନ ତରୁଣ ତାକୁ ଯା' କହିଥିଲା। ମନର କଥା ମନରେ ସାଇତି ରଖିଛି ସେ। ଏ ତିନି ବାନ୍ଧବୀକୁ କହିନି... ଏତେ ଆତ୍ମୀୟତାରେ ବି। ଛଅ ମାସ ତଳେ ଦେଖା ହୋଇଥିଲା ତରୁଣ ସହିତ ଅଙ୍କିତାର ଅଚାନକ ଏକ ସଂଯୋଗ ବଶତଃ... ନିରୋଳାରେ ସେ ଅରୁଣକୁ କହିଥିଲା ମନକଥା ଖୋଲି। -- ଅରୁଣ ମୁଁ ତୁମକୁ ଭଲ ପାଏ, ପ୍ରାଣ ଭରି। ତୁମେ ମୋତେ ସେତିକି ଭଲ ପାଅ କି...? ଅରୁଣ ଅଙ୍କିତା ଠାରୁ ଭଲ ପାଇବା କଥା ଶୁଣି ପ୍ରଥମେ ଘାବେରାଇ ଯାଇ ଥିଲା। ସ୍ତବ୍ଧରେ ନିର୍ବାକ୍ ହୋଇ ଜଡ଼ ପାଲଟି ଯାଇଥିଲା କିଛି ସମୟ...ତା' ପରେ ପ୍ରକୃତିସ୍ଥ ହୋଇ ସେ କହିଥିଲା....

--- ଅଙ୍କିତା... ଏମିତି ଭାବରେ ତୁମେ ମୋତେ...

--- ଦୁଇ ବର୍ଷ ହେଲା ତୁମକୁ ଭଲ ପାଉଛି। ତୁମଠୁ କିଛି ବି ସବୁଜ ସଂକେତ ନ ପାଇ ଶେଷକୁ କହିବାକୁ ବାଧ ହେଲି।

--- ଆରେ ତୁମେ କେଉଁଠି ମୁଁ କେଉଁଠି... ଯେତିକି ଜାଣିଛି ତୁମେ ବଡ଼ ଘରର ଝିଅ,ବାପାଙ୍କ ପରୀ...ପାଠ ତ ବହୁତ ଭଲ ପଢୁଛ... ଏମିତି ଏ ଭଲ ପାଇବା ଭୂତ ତୁମ ମନକୁ ଆସିଲା କେମିତି...?

--- ତୁମେ ମୋତେ ଭୁଲ୍ ବୁଝିବନି। ଚେଷ୍ଟା କରି ଭଲ ପାଇ ହୁଏନା...ଭଲ ପାଇବା ହୋଇ ଯାଏ... ତୁମେ କେମିତି ମୋତେ ଏତେ ଭଲ ଲାଗ... ମୁଁ କହି ପାରିବିନି। ମୁଁ ଯଦି ତୁମ ପାଇଁ ଯୋଗ୍ୟା ନୁହେଁ ତେବେ କୁହ...ତୁମକୁ କିଛି ବି କହିବିନି...ଯେମିତି ନୀରବରେ ରହି ଭଲ ପାଇଛି ସେମିତି ସାରା ଜୀବନ ନୀରବରେ ଭଲ ପାଉଥିବି....

--- ଶୁଣ, ତୁମ ପରି ସୁନ୍ଦରୀ ବୁଦ୍ଧିମତୀ ଝିଅଟିଏ ପାଇବା ଯେ କୌଣସି ପୁଅ ପାଇଁ ସୌଭାଗ୍ୟର କଥା। କିନ୍ତୁ ତୁମେ ଜାଣି ନ ...ମୋ କଥା...ଶୁଣିବ ଯଦି କହିବି...

--- କୁହ... ଆଉ ତରୁଣ କହିଥିଲା...

--- ମୁଁ ସାମାନ୍ୟ ଜଣେ ଫେମିଲି ପେନସନ୍ ଭୋଗୀ ପରିବାରର ପିଲାଟିଏ। ମୁଁ ପାଞ୍ଚ ବର୍ଷର ଥିଲି ମୋ ବାପା ଏକ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଲେ । ବୃଦ୍ଧ ବୃଦ୍ଧା ଜେଜେ ବାପା, ଜେଜେମା ଆଉ ମୋ ମାଆ...ବାପା ଛୋଟ ଚାକିରିଟିଏ କରିଥିଲେ। ମାଆ ଫେମିଲି ପେନସନ୍ ପାଏ। ସେଥିରେ ଘର ଚଳେ ଓ ମୋର ପଢ଼ା ଖର୍ଚ୍ଚ ହୁଏ। ମାଆ ଘରେ ଟେଲରିଙ୍ଗ୍ କାମ କରି କିଛି ଟଙ୍କା ରୋଜଗାର କରେ। ପଢ଼ାରେ କେବଳ ମୋର ଧ୍ୟାନ। ମୋ ମାଆ ମୋ ପ୍ରଥମ ଗୁରୁ, ତା' ପାଦ ଛୁଇଁ ମୁଁ ଶପଥ କରିଛି...ତାର ସ୍ୱପ୍ନ ସାକାର କରିବି। ବଡ଼ କିଛି ପଦ ପଦବୀର ଅଧିକାରୀ ନ ହେବା ଯାଏଁ ମୁଁ ଏମିତି କିଛି ବି କଥା ଭାବିନି... ଭାବି ପାରିବିନି। ସେଇ ମାଆ ମୋତେ ପଢାଇଛି... ସବୁ ନୀତି ଆଦର୍ଶ ଶୃଙ୍ଖଳା ଶିଖାଇଛି।ରାମାୟଣ ମହାଭାରତର କଥା ଶୁଣାଇଛି। ଇତିହାସର ମହାନ୍ ଚରିତ୍ରମାନଙ୍କର ସାଧନା ସିଦ୍ଧିର କଥା କହି ସର୍ବଦା ପ୍ରେରଣା ଦେଇ ଆସିଛି। ମୁଁ ତାର ଜୀବନ। ମୁଁ କିଛି ଭୁଲ୍ କଲେ ସେ...ବଞ୍ଚିବ ନାହିଁ। ଏମିତି ମୋ ପରିସ୍ଥିତି... ତୁମକୁ କିଛି ପ୍ରତିଶ୍ରୁତି ଦେବା ମୋ ପାଇଁ ସେ ଶଠତା... ପ୍ରବଞ୍ଚନା କରିବା ହେବ...

---ଆଖିରୁ ଲୁହ ପୋଛି ଅଙ୍କିତା କହିଥିଲା... ତୁମର କଥା ସବୁ ନ ଜାଣି ଏତେ ଭଲ ପାଇଛି ଆଉ ଜାଣି ଜାଣିଲା ପରେ ଏଣିକି ନିଶ୍ଚିତ ହୋଇଗଲି ସାରା ଜୀବନ ଭଲ ପାଉଥିବି, ତୁମେ ମୋତେ ଭଲ ପାଅ କି ନ ପାଅ... ତୁମ ମୁଁ ଅପେକ୍ଷା କରିଥିବି....ମୋର କିଛି ତ୍ରୁଟି ଥିଲେ ତୁମର ମହନୀୟ ଗୁଣରେ କ୍ଷମା କରି ଦେବ...। ସେ ଦିନରୁ ଏତିକି କଥା। ଅଙ୍କିତା ହୃଦୟରେ ଲେଖା ହୋଇ ରହିଛି। କଲେଜ୍ ରେ ଦେଖା ହୁଏ ତରୁଣ ସହିତ, ନୀରବରେ ସେ ଜଣାଏ ତାର ମନ କଥା ତରୁଣକୁ ଯେମିତି ସରୋବରର କୁମୁଦିନୀ ଜଣାଏ ଚନ୍ଦ୍ରମାକୁ...। ଆଜି ତରୁଣର କବିତା ପଢି ଆଉ ତା' ଜୀବନୀ କଥା ଭାବି ଅଙ୍କିତା ସତେକି ଆବିଷ୍କାର କଲା ଆଉ ଏକ ଅନନ୍ୟ ସତ୍ୟବାନଙ୍କୁ।ତରୁଣର ମାଆ ଯିଏ କି ତାର ପ୍ରଥମ ଗୁରୁ... ସେ ଜଣେ ମାନବୀ ରୂପରେ ଦେବୀ... ଅଙ୍କିତାର ହୃଦୟ କହୁଥିଲା ସେ ପ୍ରଥମ ଗୁରୁଙ୍କ ପଦଧୂଳି କେମିତି ଶିଘ୍ର ପାଇଥାନ୍ତା ସେ ...ପବିତ୍ରା ହୋଇଯାନ୍ତା... ଆଜିର ସବୁ ପୁଅ ତରୁଣ ପରି ହୋଇଥାନ୍ତେ ଏମିତି ମାଆଟିଏ ହେଲେ ପ୍ରଥମ ଗୁରୁ...। ବାଃ ତରୁଣ...ବାସ୍ତବ ଜୀବନର ପ୍ରତିଛବି ତୁମ କବିତା ' ମୋ ପ୍ରଥମ ଗୁରୁ '...ସେ ଦେବୀଙ୍କୁ କୋଟିଏ ପ୍ରଣାମ। କଲେଜ୍ ଘଣ୍ଟା ସୂଚନା ଦେଲା...ଏବେ ତାଙ୍କର କ୍ଲାସ ହେବ। ଚାରି ବାନ୍ଧବୀ ପାଠାଗାରରୁ ଉଠି ଚାଲିଲେ ଶ୍ରେଣୀ କଠୋରୀ ଅଭିମୁଖେ...। ଆଉ ବହୁତ ଉତ୍କଣ୍ଠା ଥିଲା ଅଙ୍କିତାର...ତରୁଣକୁ ଦେଖିବା ପାଇଁ ...ସେ ସମ୍ବର୍ଦ୍ଧନା ସଭାରେ ସମ୍ମାନୀତ ହେବାର... ଏବଂ ଫୋଟଟିଏ ଉଠାଇ ରଖିବ ତା' ପାଖରେ ସ୍ମୃତିକୁ ଜୀବନ୍ତ କରି ରଖିବା ପାଇଁ ...।

+ କୋହି,ବାରିପଦା,ମୟୂରଭଞ୍ଜ,
ଦୂରଭାଷା -- ୮୦୧୮୩୫୩୩୨୨

# ଫାଲତୁ ଲୋକ



ସୁଦର୍ଶନ ମହାପାତ୍ର

: ମୋତେ ଜନ୍ମ ଦେଉଥିଲ କାହିଁକି ?
: ସେଇଟା କ'ଣ ଅପରାଧ ହୋଇଗଲା ?
: ଅପରାଧ ନୁହେଁ; ଆଉ କ'ଣ ଉପକାର ?
: ସଂସାରର ଏ ନିୟମ। ତୁ ଯେମିତି ମୋ ପୁଅ ; ମୁଁ ବି ମୋ ବାପାଙ୍କର ପୁଅ ଥିଲି। ତୋରି ପରି ଗୋଟିଏ ପରିବାରରେ ବଢିଥିଲି। ପାଠ ପଢିଲି। ଚାକିରି କଲି। ରୋଜଗାର କଲି। ତୋ ଭଳିଆ ତ ବାବନାଭୁତ ଭଳିଆ ବୁଲୁ ନଥିଲି।
: ତୁମେ କ'ଣ କରିଥିଲ ନ କରିଥିଲ ମୋର ଯାଏ ଆସ ନାହିଁ।
: ତୋ ସାଙ୍ଗ ନିଲେଶ ପୁନେରେ ଚାକିରି କଲା। ଆମ ଅଫିସ୍ ପିଅନ ମାଧିଆର ପୁଅ ସରକାରୀ ସ୍କୁଲରେ ଶିକ୍ଷକତା କଲାଣି। ଆଉ ତୋର ସବୁଠୁ ଭଲ ସାଙ୍ଗ ରଜତ, ଯାହା ସାଙ୍ଗରେ ଆଡ୍ଡା ମାରୁଥିଲୁ, ଏବେ ସେ ବ୍ୟବସାୟ କରି ଟଙ୍କା ରୋଜଗାର କଲାଣି। ତୁ ଆମର କ'ଣ କରୁଚୁ ଶୁଣେ...!
: ତୁମେ କାହିଁକି ଅଫିସରେ କିରାଣୀ ଚାକିରୀ କଲ ? ଅଫିସର ହେଲନି ?
ଅଫିସର କଥା ଛାଡ। ସେଇ ଅଫିସରେ ରଜତର ବାପା ତୁମରି ଭଳିଆ କିରାଣି ଚାକିରି କରି ମାସକୁ କେତେ ଟଙ୍କା ରୋଜଗାର କରୁଛନ୍ତି ଆଉ ତୁମେ କେତେ ?
: ମୁଁ ସେସବୁ ଅନୀତି କାମ କରିପାରିବି ନାହିଁ। ତାଙ୍କ ସହ ମୋତେ କାହିଁକି ତୁଳନା କରୁଛୁ ?
: ହେଲେ ତୁମେ କେମିତି ମୋତେ କାହା ସହିତ ତୁଳନା କରୁଛ ? ତୁମ ଅଫିସରେ କାମ କରୁଥିବା ସେଇ ଲୋକ, ଯାହାର ପୁଅ ସରକାରୀ ସ୍କୁଲରେ ଶିକ୍ଷକ ହୋଇଛି ବୋଲି କହୁଛ, ଯାଇ ଦେଖ ତା'ର ମାର୍କ। ପାଠ ନଜାଣି ସବୁଠୁ କମ୍ ମାର୍କ ରଖି ସେ ଏବେ ଶିକ୍ଷାଦାନ କରିବାକୁ ଚାକିରି ପାଇଛି। ସଂରକ୍ଷଣର ସୁବିଧା ପାଇ ସେମାନେ ଏବେ ସବୁ ପ୍ରକାର ସୁବିଧାର ସୁଯୋଗ ନେଉଛନ୍ତି।
: ଯେଉଁ ସ୍କୁଲ କଲେଜରେ ତୋ ସାଙ୍ଗମାନେ ପାଠ ପଢ଼ିଛନ୍ତି, ମୁଁ ବି ତୋତେ ସେଇ ସ୍କୁଲରେ ପାଠ ପଢେଇଛି। ପଇସା ଟାଣଟୁଣ ଭିତରେ ତୋ ଟିୟୁସନ ପାଇଁ, ତୋ ପୋଷାକପତ୍ର ପାଇଁ ଯେତେ ଦୂର ସମ୍ଭବ ଖର୍ଚ୍ଚ କରା ହୋଇଛି। ହୋଇଛି କି ନାହିଁ କହ ! ତୁ କ'ଣ ଫାଙ୍କି ଦେଇପାରିବୁ ଏ ସବୁ ?
: ସେଇ ପାଠ ପଢିଲା ବେଳେ କେତେ ପିଲା ଲ୍ୟାପଟପ୍ ଧରିଛନ୍ତି। ଇଣ୍ଟରନେଟର ସୁବିଧା



ନେଇଛନ୍ତି। ପଚାଶ ଥର କହିଲା ପରେ ବି ତୁମେ କ'ଣ ମୋତେ ସେସବୁ ଦେଇଥିଲ ? ନିଲେଶ ସହିତ ମୋତେ କାହିଁକି ତୁଳନା କରୁଛ ?
: ତୁ ଫାଲତୁ ଯୁକ୍ତି କରନା କହୁଛି। ସମସ୍ତେ ଖାଲି ଲ୍ୟାପଟପ୍ ଧରି ପାଠ ପଢି ଭଲ ପାଠ ପଢ଼ିଛନ୍ତି ? ମୁଁ ଯାହା କହୁଛି, ତୁ ତାକୁ ଖରାପ ଭାବରେ ନେବାକୁ ଚେଷ୍ଟା କରନା। ତୋ ଭଲ ପାଇଁ କହୁଛି।
: ମୁଁ କୋଉ ଖରାପ କଥା କହୁଛି କି ? ତୁମେ ଆହୁରି ଭଲ ଚାକିରି କରିବାର ଥିଲା। ନଚେତ୍ ଆହୁରି ଭଲ ରୋଜଗାର କରିବାର ଥିଲା। ତାହେଲେ ମୁଁ ତୁମ ଆଶା ପୂରଣ କରିଥାନ୍ତି। କିଛି ନହେଲେ କ'ଣ ଗୋଟିଏ ବ୍ୟବସାୟ ଆରମ୍ଭ କରିଥାନ୍ତି।
: ଦେଖ, ଯାହା ମୋ ଦ୍ୱାରା ସମ୍ଭବ, ସେତିକି ତୋ ପାଇଁ କରିଛି।
: ବିଲକୁଲ ନୁହେଁ। ଆହୁରି ବେଶୀ କିଛି ସମ୍ଭବ ହୋଇ ପାରିଥାନ୍ତା। ଆଉ ଏବେ ବି ସମ୍ଭବ ହୋଇ ପାରିବ।
: କହିଲି ପରା ମୋ ଦ୍ୱାରା ଲାଞ୍ଚ ନେବା କାମ ହୋଇ ପାରିବ ନାହିଁ। ଧରା ପଡିଲେ ଇଜ୍ଜତ ଯିବ। ଆଉ ସେମିତି ହେଲେ ମୁଁ ବଞ୍ଚି ପାରିବି ନାହିଁ।
: ବାସ୍, ଏଇ କଥା। ତାହେଲେ ତୁମେ ଅସୁସ୍ଥ ବୋଲି କହି ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ନେଇଯାଅ। ତୁମ ଜାଗାରେ ମୋ ଚାକିରି ଜୀବନ ଆରମ୍ଭ ହେଉ।
: ସେମିତି କହିଦେଲେ ତ ଆଉ ହବନି। ଡାକ୍ତର ସାର୍ଟିଫିକେଟ ଦରକାର।
: ତୁମେ ମାନସିକ ସ୍ତରରେ ଦୁର୍ବଳ । ତୁମର ମାନସିକ ବିକୃତି ଘଟିଛି। ସେଇ ସାର୍ଟିଫିକେଟ ଯୋଗାଡ କର।
: ଭଲଲୋକକୁ ମସ୍ତିଷ୍କ ବିକୃତିର ସାର୍ଟିଫିକେଟ କେହି ବି ଡାକ୍ତର ଦେବେନି।
: ମୁଁ ଯାଇ ଡାକ୍ତରଙ୍କୁ ପ୍ରମାଣ ଦେବି ଯେ ତୁମ ମୁଣ୍ଡ ଆଜିକାଲି ଆଉ ଠିକ୍ କାମ କରୁନି। ନଚେତ୍ ଡ଼ାକ୍ତରଙ୍କୁ ବଡ଼ ଧରଣର ଲାଞ୍ଚ ଦେଲେ କାମ ଫତେ। ଏଇ ଲକ୍ଷେ ଖଣ୍ଡେ ଟଙ୍କା...!
: ଫାଲତୁ କଥା କହନା, କହୁଛି।
: ତୁମେ ଫାଲତୁ ଲୋକ। ଆଜିକାଲି ଦୁନିଆରେ ତୁମେ କୌଣସି କାମକୁ ଯୋଗ୍ୟ ନୁହଁ...!!!

ଏତିକିରେ ବାପା ନିରବି ଯାଇଥିଲେ। ସେଦିନ ଆଉ ଉଚ୍ଚବାଚ ଶୁଭିନଥିଲା।

ପରଦିନ ସକାଳକୁ ଫ୍ୟାନରେ ଝୁଲୁଥିଲା ବାପାଙ୍କ ନିର୍ଜୀବ ଶରୀର ଏବଂ ଦୀର୍ଘଦିନରୁ ପାରାଲାଇସିସ ସହିତ ଯୁଝୁଥିବା ମାଆଙ୍କ ସ୍ପନ୍ଦନ ହୀନ ଶରୀର ପଡ଼ିଥିଲା ଖଟ ଉପରେ।

ପୁଅ ମାଆ ପାଖରେ ପଡ଼ିଥିବା ବିଷ ଶିଶିକୁ ଦେଖିଲା ଏବଂ ଚାରି ଚଉତା ହୋଇଥିବା କାଗଜ ଖଣ୍ଡେ ଉଦ୍ଧାର କଲା ବାପାଙ୍କ ହାତ ମୁଠାରୁ।

'ମୋ ମୃତ୍ୟୁ ଆଗରୁ ତୋ ମା'କୁ ବିଦାୟ ଦେଉଛି ସଂସାରରୁ। ମୋର ମୃତ୍ୟୁ ହେଲେ ତୋ ପାଇଁ ଚାକିରିଟିଏ ଯୋଗାଡ ହୋଇ ପାରିବ ଆମ ଅଫିସ୍‌ରେ। ତୋ ପାଇଁ ଶେଷକୁ ସେତିକି କରିବାକୁ ଯୋଗ୍ୟ ହେଲା ଫାଲତୁ ଜୀବନ ଜୀଉଥିବା ତୋ ବାପା।'

+କୁଞ୍ଜବିହାରୀ ଲେନ, କଟକ

# ଜଙ୍ଗଲ ସଂରକ୍ଷଣକୁ ପ୍ରୋତ୍ସାହନର ବାର୍ତ୍ତା ସହ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ବନ ଦିବସ ପାଳିତ

ଜୟପୁର,୨୨/୩ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବନ ବିଭାଗ ପକ୍ଷରୁ ଜଙ୍ଗଲ ସଂରକ୍ଷଣ ଓ ନିରନ୍ତରତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବନ ଦିବସ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଦ୍ୱାରା ଉଦ୍ଘାଟିତ ଏକ ପ୍ରଦର୍ଶନୀ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ପ୍ରଦର୍ଶନୀରେ ଜେକେ ପେପର ମିଲ୍ସ (ରାୟଗଡ଼ା), ଓରମାସ୍ (ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ମାର୍କେଟିଂ ସୋସାଇଟି), ଏକତା ଏନଜିଓ, ଜୟପୁରର ହସ୍ତଶିଳା ଚନ୍ଦ୍ରକଳା ଏବଂ ବନ ବିଭାଗର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ନିରନ୍ତର ଜଙ୍ଗଲ ପରିଚାଳନା ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ ଅଭିନବ ମଡେଲ ଏବଂ ପଦକ୍ଷେପ ପ୍ରଦର୍ଶନ କରି ପ୍ରଦର୍ଶନୀର ସୂଚନା ପୂର୍ଣ୍ଣ ଏବଂ ସୃଜନଶୀଳ ପ୍ରଦର୍ଶନ ପାଇଁ ବିଶିଷ୍ଟ ବ୍ୟକ୍ତି ମାନେ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଫେସର ଶ୍ରୀ ତ୍ରିପାଠୀ ଜଙ୍ଗଲ ରକ୍ଷଣାବେକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି ଦିଗରେ ବନ ବିଭାଗର ଉଦ୍ୟମକୁ ପ୍ରଶଂସା କରିଥିଲେ। ଉଦ୍ଘାଟନୀ ଭାଷଣରେ ସମନ୍ୱିତ କୃଷି ଓ ପ୍ରାକୃତିକ ସମ୍ପଦ ବିଦ୍ୟାଳୟର ଡିନ୍ ଡଃ. ଏନ୍.ସି. ପଣ୍ଡା ଜଳବାୟୁ ପରିବର୍ତନକୁ ରୋକିବାରେ ଜଙ୍ଗଲର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ବିଜୟ ପ୍ରସାଦ ରଥ ସ୍ଥାୟୀ ବନୀକରଣକୁ ପ୍ରୋତ୍ସାହିତ କରିବାରେ ଶିକ୍ଷା ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ମୁଖ୍ୟ ଅତିଥି ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର କେଆର୍ ରମେଶ ଜଙ୍ଗଲ ଶିକ୍ଷା ଓ ଗବେଷଣାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ର କଲ୍ୟାଣ ଡିନ୍ ଡ. ରାମେନ୍ଦ୍ର କୁମାର ପାଢ଼ୀ ଜଙ୍ଗଲ ସଂରକ୍ଷଣ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଯୋଗଦାନକୁ ପ୍ରୋତ୍ସାହିତ କରିଥିଲେ। ବନ ବିଭାଗ ମୁଖ୍ୟ ଡଃ. ଶୁଭସ୍ମିତା ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଜଙ୍ଗଲ ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନପାଇଁ କୁଳପତି ପ୍ରଫେସର ତ୍ରିପାଠୀ ଶ୍ରୀ ରଘୁନାଥ ଜାନୀଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦେଇଥିଲେ।

ଡଃ. ପରିଡ଼ା, ଐଶ୍ୱର୍ଯ୍ୟାଲକ୍ଷ୍ମୀ ଏଆର, ଜ୍ୟୋତିରାଦିତ୍ୟ ଦାସ ଓ ଡଃ. ଅରବିନ୍ଦ ପ୍ରଜାପତିଙ୍କ ସମେତ ଅଧାପକମାନଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ଦକ୍ଷତାର ସହ ସଂଯୋଜନା କରାଯାଇଥିଲା। ଏହି ଉତ୍ସବ ସଫଳ ଭାବରେ ସ୍ଥାୟୀ ବନୀକରଣର ଗୁରୁତ୍ୱ ଏବଂ ପ୍ରାକୃତିକ ପରିବେଶ ସଂରକ୍ଷଣ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତାକୁ ଦୃଢ଼ କରିଥିଲା ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡଃ. ଫଗୁନାଥ ଭୋଇ ଜଣାଇଛନ୍ତି ।

# ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ବୈଠକ ଅନୁଷ୍ଠିତ

ଜୟପୁର,୨୨/୩ (ନି.ପ୍ର): ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଏକ ଜରୁରୀକାଳୀନ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛିଓ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀ ଭୂଷଣ ଦାସଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରି ତଥା ବରିଷ୍ଠ କର୍ମକର୍ତା ମାନେ ଯୋଗଦାନ କରିଥିଲେ ଓଏଥିରେ କର୍ମଚାରୀ ମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ପାଇବାରୁ ବଂଚିତ ହୋଇଥିବା ଯୋଗୁଁ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ ଓସରକାର କର୍ମଚାରୀ ମାନଙ୍କର ଦାବି ପୁରଣ କରିବା ନିମନ୍ତେ ସମସ୍ତେ ଅନୁରୋଧ କରିଥିଲେ ଓ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ର ୧୦ ଗୋଟି ଦାବି ମଧରୁ ସରକାର ଗୋଟିଏ ଦାବି ପୁରଣ କରିବାରେ ସକ୍ଷମ ହୋଇଥିବାରୁ ଶ୍ରୀ ଦାଶ୍ ରାଜ୍ୟ ସରକାର ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଅନ୍ୟ ୯ ଗୋଟି ଦାବି ପୁରଣ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିଥିଲେ ଓ ସମସ୍ତ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମତଦାନ ପ୍ରଦାନ କରିବା ପରେ ଯଦି ସରକାର କର୍ମଚାରୀ ମାନଙ୍କର ୯ ଗୋଟି ଦାବି ପୁରଣ କରନ୍ତି ତାହେଲେ ସମସ୍ତ ବର୍ଗର କର୍ମଚାରୀ ମାନେ ଉପକୃତ ହୋଇପାରିବେ ବୋଲି ମତପୋଷଣ କରିଥିଲେ ଓଉକ୍ତ ଦାବି ଗୁଡ଼ିକ ହେଲେ ସମସ୍ତ କର୍ମଚାରୀଙ୍କୁ ପୁରୁଣା ପେନସନ ପ୍ରଦାନ କରିବା, ସମସ୍ତ କର୍ମଚାରୀ ଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା, ଠିକା ନିଯୁକ୍ତି ଉଚ୍ଛେଦ କରିବା, ବ୍ଲକ୍ ଗ୍ରାଂଟ ଉଚ୍ଛେଦ କରିବା ସହିତ ଏକ୍ସକ୍ୟାଡର ଉଚ୍ଛେଦ କରିବା, ବ୍ଲକ୍ ସ୍ତରରେ କାର୍ଯ୍ୟରତ କର୍ମଚାରୀ ଙ୍କ ଘର ଭଡ଼ା ବୃଦ୍ଧି କରିବା, କଭିଡ୍ ମହାମାରୀ ସମୟରୁ ସ୍ଥଗିତ ରଖାଯାଇଥିବା ମହଙ୍ଗା ଭତା ପ୍ରଦାନ କରିବା, ଯୋଗ୍ୟତା ଭିତିରେ ସମସ୍ତଙ୍କୁ ସମାନ ଦରମା ପ୍ରଦାନ କରିବା, ବାର୍ଷିକ ସମର୍ପଣ ଛୁଟି ପ୍ରଦାନ କରିବା ବା ଭ୍ରମଣ ରାଶି ପ୍ରଦାନ କରିବା, ଏନେଇ ରାଜ୍ୟ ସଂଘ ପୁଣିଥରେ ସରକାର ଙ୍କୁ ଦାବି ପତ୍ର ପ୍ରଦାନ କରନ୍ତୁ ବୋଲି ଉପସ୍ଥିତ କର୍ମଚାରୀ ଓ କର୍ମକର୍ତା ମତ ଦେଇଥିଲେ ଓଅତି ଶିଘ୍ର କୋରାପୁଟ ଜିଲ୍ଲା ରେ ରାଜ୍ୟ ସଂଘ ର ଏକ ସମାବେଶର ଆୟୋଜନ କରିବା ସହ ରାଜ୍ୟ ସରକାର ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ସଭାପତି ଦାଶ୍ ମତ ଦେଇଥିଲେ ଓଉକ୍ତ ବୈଠକରେ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସମ୍ପାଦକ ମହେଶ୍ୱର ମିଶ୍ର, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ମାଧମିକ ବିଦ୍ୟାଳୟ କର୍ମଚାରୀ ସଂଘ ରାଜ୍ୟ ଉପ ସଭାପତି କାଳୀ ପ୍ରସାଦ ମିଶ୍ର, ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଉପଦେଷ୍ଟା କୈଳାସ ସାମନ୍ତରାୟ, ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ସହ ସମ୍ପାଦକ ବିନାୟକ ପଣ୍ଡା ମଂଚାସୀନ ହୋଇଥିଲା ବେଳେ ଜଗେନ୍ଦ୍ର ଚୌଧୁରି, ସଞ୍ଜୟ କୁମାର ରଥ, ନିମାଇ ବେହେରା, ପଙ୍କଜ କୁମାର ପାଣିଗ୍ରାହୀ, କିରଣ ମହାରଣା, ଅଜୟ କୁମାର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଯୋଗଦାନ କରିଥିଲେ। ପରିଶେଷରେ ଶ୍ରୀ ଦାଶ୍ ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ୬୩ତମ ଚଅପୋଇ ମେଳଣ ଉଦ୍‌ଯାପିତ

ଧର୍ମଶାଳା,୨୨/୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅର୍ଥଙ୍ଗା ପଂଚାୟତର ଅନ୍ୟତମ ପ୍ରସିଦ୍ଧ ୬୩ ତମ ଚଅପୋଇ ମେଳଣ ମହାସାରୋହରେ ଉଦଯାପିତ ହୋଇଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇ ଶନିବାର ଅପରାହ୍ନରେ ଏହା ଉଦଯାପିତ ହୋଇଥିଲା । ଚଅପୋଇ ମେଳଣ ପଡିଆର ଚତୃଦିଗରେ ୨୦ରୁ ଉର୍ଦ୍ଧ୍ୱ ଛୋଟବଡ ବିମାନ ଦଣ୍ଡାୟମାନ ହୋଇଥିଲେ । ଏହି ମେଳଣ ଉତ୍ସବରେ ବ୍ରହ୍ମବରଦା ଛେନାଖିଆପାଟଣା ଗୋପିନାଥ ଜୀଉ ବିମାନ ସମତେ ବାଲିପାଟଣା, ସ୍ୱାଇଁସାହି, ମହାରଣା ସାହି, କୁଆଖିଆ ଚଣ୍ଡିବାଙ୍କ, ଖୋସାଲପୁର, ଜଗନ୍ନାଥ ମଠ ହରିପୁର, ମନ୍ଧାରପୁର, ନୂଆ ମିର୍ଜାପୁର, ପ୍ରଥମାଖଣ୍ଡ, ଚକଗୋପାଳପୁର, ଶ୍ରୀବନ୍ତପୁର, ଉତରପ୍ରତାପ , ମଝିସାହି, କୁଣ୍ଡପାଟଣା ଆଦି ବଡ ବିମାନ ସହ ୧୦ରୁ ଉର୍ଦ୍ଧ ସ୍ଥାନୀୟ ଅଂଚଳର ଛୋଟ ବିମାନ ଯୋଗ ଦେଇଥିଲେ । ଏହି ମେଳଣ ପଡିଆର ଚତୃପାଶ୍ୱର୍ରେ ସମସ୍ତ ବିମାନ ସୁସଜ୍ଜିତ ବିମାନରେ ଦଣ୍ଡାୟମାନ ହୋଇ ପ୍ରଭୁ ରାଧାକୃଷ୍ଣ ବିରାଜମାନ କରି କୀର୍ତନ, ଘୋଡା ଓ ଷଣ୍ଢ ନାଚ ସହ ପୁରୁଣା ଲୋକକଳା ସଂଗୀତ ସହ ବାଜାବାଣରେ ରୋଷଣୀ କରି ଗୋଟିଏ ପରେ ଗୋଟିଏ ବିମାନ ଏକତ୍ର ହୋଇଥିଲେ । ଏବଂ ଠାକୁର ବାଡିଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଶେଷ କରି ଇସ୍କନ ପକ୍ଷରୁ ନାମସଂକୀର୍ତନ ବେଶ ମନୋରମ ହୋଇଥିଲା । ପ୍ରଥମେ ସ୍ଥାନୀୟ ରାଧା ଗୋପିନାଥ ଜୀଉ ବିମାନ ଥାନପତି ଆସନ ଅଳଙ୍କୃତ କରିବାପରେ ସମସ୍ତ ବିମାନ ବିଜେ ହୋଇଥିଲେ । କମିଟି ପକ୍ଷରୁ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଭୋଗ ଲାଗି କରାଯାଇଥିଲା । ପରେ ସମସ୍ତ ବିମାନ ଫଗୁ ଖେଳି ବିଦାୟ ନେଇଥିଲେ । ମେଳଣ କମିଟିର ସଭାପତି ବାବାଜୀ ବେହେରା, ଉପ-ସଭାପତି ଅନିରୁଦ୍ଧ ପାଢୀ,ସମ୍ପାଦକ ଇନ୍ଦ୍ରମଣୀ ସୂଚାର, ସଂଗଠନ ସମ୍ପାଦକ ଶ୍ୟାମ ସୁନ୍ଦର ରଥ, ସଭ୍ୟ କାର୍ତିକ ମହାଳିକ, ବନମାଳୀ ବେହେରା, ସୁନାକର ପାଢୀ, ଅର୍ଜ୍ଜୁନ ନାୟକ, ବିଦ୍ୟାଧର କରଣ, ଜନାର୍ଦ୍ଦନ ଷଡଙ୍ଗୀ, ନାରାୟଣ ଦାସ, ଜଗବନ୍ଧୁ ବାରିକ୍, କେଶବ ବେହେରା, ପଙ୍କଜ ରାଉତ, କାହ୍ନୁ ଚରଣ ରାଉତ, ଅଭିମନ୍ୟୁ ନାୟକ, ଅନନ୍ତ ଘଡାଇ ଓ ଭରତ ଚନ୍ଦ୍ର ସାହୁଙ୍କ ସମେତ ଅର୍ଥଙ୍ଗା ଓ ମଙ୍ଗରାଜପୁର ପଂଚାୟତର ମୁରବୀ ପରିଚାଳନାରେ ସହଯୋଗ କରିଥିଲେ । ଏହି ମେଳଣରେ ପାଖାପାଖି ୨୦ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବ୍ରହ୍ମବରଦା ଥାନା ଅଧିକାରିଣୀ ଅଂଶୁମାଳା ଦାସ ଘଟଣା ଉପରେ ନଜର ରଖିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟରେ ରଖି ମେଳଣ କମିଟି ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦହି ପାଣିର ବ୍ୟବସ୍ଥା କରାଯାଇଥିଲା ।

## ନିଳାଗୁଡା ଜଙ୍ଗଲରେ ଅବକାରି ବିଭାଗର ମିଳିତ ଚଢାଉ

ଜୟପୁର,୨୨/୩ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି । ଆଜି ଅପରାହ୍ନ ୨ଟାରେ ଚଢାଉ ଆରମ୍ଭ କରାଯାଇ ସଂଧ୍ୟା ୫ଟା ରେ ଶେଷ ହୋଇଥିଲା ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ନିରିକ୍ଷକ, ଡିଏଫଏସ କୋରାପୁଟର ମିଳିତ ଚଢାଉ କରାଯାଇଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ମଦ ଭାଟି ଭଙ୍ଗିବା ସହ ୧୫ଶହ ଲିଟର ପୋଚ ଓ ୧୪୦ ଲିଟର ଦେଶି ମଦ ଜବତ କରିନଷ୍ଟ କରିଛି । ମଦ ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ନିରିକ୍ଷକ ଶିଶି କାନ୍ତ ଦତ ସୂଚନା ଦେଇଛନ୍ତି ।

# ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ କରିବ କଂଗ୍ରେସ: କୋରାପୁଟ ଜିଲ୍ଲାର ହଜାର ହଜାର ଲୋକ ସାମିଲ୍ ହେବା ପାଇଁ ଆହ୍ୱାନ

ଜୟପୁର,୨୨/୩ (ନି.ପ୍ର): ରାଜ୍ୟରେ ବଢୁଥିବା ନାରୀ ନିର୍ଯ୍ୟାତନା, ବିଧାନସଭା ଗୃହ ମଧରେ ଶାସକ ଦଳର ଅସାମ୍ବିଧାନିକ କାର୍ଯ୍ୟ ଓ ସରକାରଙ୍କ ବିଫଳତା ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ ହେବ । ଏନେଇ ଆଜି ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଜିଲା କଂଗ୍ରେସ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲା ସଭାପତି ଶଶି ଭୂଷଣ ପାତ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ପ୍ରସ୍ତୁତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାହ ବାହୀନିପତି, ରାଜ୍ୟ ମହିଳା ସଭାନେତ୍ରୀ ମିନିକ୍ଷି ବାହିନିପତି ଓଡିଶା କଂଗ୍ରେସର ପ୍ରବକ୍ତା ରଜନୀ ମହାନ୍ତି, କୋରାପୁଟ ଜିଲା ପର୍ଯ୍ୟବେକ୍ଷକ ଅଜିତ ଦାସ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଜୟପୁର ବିଧାୟକ ବାହିନିପତି ରାଜ୍ୟର ନାରୀ ନିର୍ଯ୍ୟାତନା ବଢୁଛି ତେଣୁ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେବାକୁ କହିଥିଲେ । ଏହାକୁ ନେଇ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଆକ୍ରମଣ କରିଥିଲେ । ରାଜ୍ୟରେ ମହିଳା ମାନେ ଅସୁରକ୍ଷିତ, ଛାତ୍ରୀ, ଶିଶୁ ମହିଳା ସୁରକ୍ଷିତ ନୁହଁ । ଏହାକୁ ବାର ବାର ଦାବି କରିବାରୁ ସରକାର ବିଚଳିତ ହୋଇ ଟଂଟି ଚିପି ମାରିବାକୁ ଉଦ୍ୟମ କରିଥିଲେ । ଏହାକୁ କଂଗ୍ରେସ ବିରୋଧ କରିଛି । ବିଜେପି ସରକାରଙ୍କୁ କଡା ଜବାବ ଦେବା ପାଇଁ କୋରାପୁଟ ଜିଲାରୁ ହଜାର ହଜାର ସଂଖ୍ୟାର ଲୋକେ ଆସନ୍ତା ୨୭ ତାରିଖରେ ପହଂଚି ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ନେତା ମାନେ ଆହ୍ୱାନ ଦେଇଥିଲେ । ଆମେ ଡରିବୁ ନାହିଁ ରାଜ୍ୟ ସରକାରଙ୍କ ସତ ସାହାସ ଅଛି ତେବେ ଗୁଳି କରି ମାରୁ ବୋଲି ବିଧାୟକ ବାହିନିପତି ଆହ୍ୱାନ ଦେଇଛନ୍ତି । ବିଜେପି ସରକାର କୌଣସି ବି ନେତା ମନ୍ତ୍ରୀ ଆସିଲେ ଜିଲାରେ ପସାଇ ନଦେବାକୁ ଉପସ୍ଥିତ ନେତା ମାନେ ଆହ୍ୱାନ କରିଥିଲେ । ନାରୀ ସୁରକ୍ଷା ଦାବି ନେଇ ଆସନ୍ତା ୨୭ ତାରିଖରେ ରାଜ୍ୟର ୩୦ଟି ଦିଲାର କଂଗ୍ରେସ ନେତା, କର୍ମୀଙ୍କ ସହ ଜିଲାବାସୀ ସାମିଲ ହେବେ । ବିଜେପି ସରକାର ୯ ମାସ ଭିତରେ ରାଜ୍ୟରେ ନାରୀ ନିର୍ଯ୍ୟାତନା ସହ ଛାତ୍ରୀ ମାତୃତ୍ୱ ଘଟଣା ବୃଦ୍ଧି ପାଇଛି । କିନ୍ତୁ, ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି । ଆଜିର ପ୍ରସ୍ତୁତି ବୈଠକରେ ବିନୋଦ ମହାପାତ୍ର, ରୁପୁକ ତୁରୁକ, କୃଷ୍ଣ ନେପାକ, ନିମେଇ ସରକାର, ନିହାର ବିଷୋୟୀ, ନରି ମହାନ୍ତି, ମଦନ ନାୟକ, ଦେବେନ୍ଦ୍ର ବାହୀନିପତି, ଜଗଦିଶ ଖୋସଲା, ଏନ.ଶଙ୍କର ରାଓ, ମନୋଜ ଆଚାଯ୍ୟ, ଅଶୋକ ଗନ୍ତାୟତ ସହ ଜିଲାର ୪ ଶହରୁ ଉର୍ଦ୍ଧ୍ୱ କର୍ମୀ ଓ ନେତା ଉପସ୍ଥିତ ଥିଲେ ।

# ଜଳବାୟୁ ପରିବର୍ତ୍ତନରେ ଜଳଚକ୍ର ନିରନ୍ତର ବିକାଶର ପ୍ରୟାସ

ବ୍ରହ୍ମପୁର,୨୨/୩ (ନି.ପ୍ର): ଜଳ ପାଇବା ଏକ ମାନବ ଅଧିକାର ତଥାପି ଆଜି ୨.୨ ବିଲିୟନ ଜନସାଧାରଣ ପାନୀୟ ଜଳ ସେବାରୁ ବଂଚିତ ହେବା ସହ ସେମାନଙ୍କ ଜୀବନଯାପନ ପ୍ରଭାବିତ ହେଉଛି ଏବଂ ଆଗାମୀ ଦିନରେ ଆହୁରି ଅଧିକ ଜଳ ସଙ୍କଟ ଦେଖା ଦେବ ବୋଲି ଜାତିସଂଘ ଆନୁମାନିକ କରିଛି। ଏହାକୁ ନିରାକରଣ କରିବା ଓ ସୁବ୍ୟବସ୍ଥିତ ଜଳଚକ୍ର ନିରନ୍ତର ବିକାଶ ପାଇଁ ୨୦୩୦ ସୁଦ୍ଧା ଭରତ ବର୍ଷରୁ କ୍ଷୁଧା, ଲିଙ୍ଗଗତ ସମାନତା, ସମସ୍ତଙ୍କୁ ସ୍ୱାସ୍ଥ୍ୟ ,ଶିକ୍ଷା, ଜୀବିକା, ସ୍ଥିରତା ଏବଂ ଇକୋସିଷ୍ଟମ ସମ୍ବନ୍ଧରେ ଅଗ୍ରଗତିକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ୟୁନିସେଫ -ୟୁଥ ଫର ୱାଟର ଅଭିଯାନର ପ୍ରୋଯୋଜନରେ ରାଜ୍ୟ ସ୍ତରୀୟ ଅନୁଷ୍ଠାନ ଆଇଏସଆରଡ଼ି -ୱାନ ଷ୍ଟପ ସେଂଟର ଓ ଶକ୍ତି ସଦନ, ବ୍ରହ୍ମପୁରର ମିଳିତ ଉଦ୍ୟମରେ ସ୍ଥାନୀୟ ଗୋକୁଳଧମ ଠାରୁ ବିଶାଳ ଯୁବ ଶୋଭାଯାତ୍ରାକୁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚାୟୁପଟ୍ଟନାୟକ, ସୁବାସ ମହାରଣା, କେଦାରନାଥ ଚୌଧୁରୀ, ଦେବେଶ କୁମାର ସାମନ୍ତରାୟ, ରଞ୍ଜିତ କୁମାର ନନ୍ଦ, ଉପଖଣ୍ଡ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଶାନ୍ତି ପଟ୍ଟନାୟକ, ସୁଧୀର ସାବତ, ମହେଶ୍ୱତା ପାଢୀ ପ୍ରମୁଖ ଯୋଗଦେଇ ଜଳକୁ ଅପଚୟ ଓ ଉପଯୁକ୍ତ ଜଳ ପରିଚାଳନା ଯୋଗୁ ସମାଜରେ ମାନବ ସମାଜ, ପଶୁ ପକ୍ଷୀ, କୀଟ ପତଙ୍ଗ ଓ ପରିବେଶ ଧ୍ୱଂସାଭିମୁଖୀ ହେବାକୁ ଆରମ୍ଭ ହେଲାଣି ଏବଂ ଜଳବାୟୁ ପରିବର୍ତନ କାରଣରୁ ହିମବାହଗୁଡ଼ିକ ପୂର୍ବାପେକ୍ଷା ଅଧିକ ଦ୍ରୁତ ଗତିରେ ତରଳିବାରେ ଲାଗିଛି। କୋଟି କୋଟି ଲୋକଙ୍କ ପାଇଁ, ତରଳ ଜଳ ପ୍ରବାହ ବଦଳୁଛି, ବନ୍ୟା, ମରୁଡ଼ି, ଭୂସ୍ଖଳନ ଏବଂ ସମୁଦ୍ର ପତନ ବୃଦ୍ଧି ଘଟୁଛି । ଅସଂଖ୍ୟ ସମ୍ପ୍ରଦାୟ ଏବଂ ପରିସଂସ୍ଥାନ ଓ ପରିବେଶ ଧ୍ୱଂସ ହେବାର ଆଶଙ୍କା ରହିଛି। ଅଙ୍ଗାରକାମ୍ଳ ନିର୍ଗମନରେ ବୈଶ୍ୱିକ ହ୍ରାସ ଏବଂ ସଙ୍କୁଚିତ ହେଉଥିବା ହିମବାହ ସହିତ ଖାପ ଖୁଆଇବା ପାଇଁ ଆଜିର ପ୍ରୟାସର ଆବଶ୍ୟକତା ରହିଛି ବୋଲି ଉଦବୋଧନ ଦେଇଥିଲେ ।

ଆଜିର ବିଶ୍ୱ ଜଳ ଦିବସ ଅଭିଯାନକୁ ସଫଳ ରୂପାୟନ କରିବା ପାଇଁ ଓ ଜଳବାୟୁ ପରିବର୍ତନ ଏବଂ ବିଶ୍ୱ ଜଳ ସଙ୍କଟର ମୁକାବିଲା ସହ ହିମବାହ ସଂରକ୍ଷଣକୁ ରଖିବା ପାଇଁ ମିଳିତ ଭାବେ ଆଇଏସଆରଡ଼ି ଓ ସାମନ୍ତରାୟ ଏକାଡେମିର କର୍ମକର୍ତା, ଯୁବ ସମାଜ, ଛାତ୍ର ଛାତ୍ରୀ, ଗଞ୍ଜାମ ଜିଲ୍ଲାର ବୁଦ୍ଧିଜୀବି ଓ ସମାଜ ସେବି ଅନୁଷ୍ଠାନରୁ ଯୋଗଦାନ କରିଥିଲେ । ପ୍ରଶାନ୍ତ ନାୟକ, ଅନିଲ ପାତ୍ର, ଗୋପାଳ କୃଷ୍ଣ ଦଳବେହେରା, ପ୍ରଭାତ ପାଢ଼ି, ସ୍ନେହମୟୀ ପାଢ଼ି, ଆର୍ସ୍କିଲ। ରାଇକା, ପ୍ରଭାସିନୀ ପାଣିଗ୍ରାହୀ, ଏଶ୍ୱରୀୟା ସାବତ, ମଧୁସ୍ମିତା ମଲ୍ଲିକ, ବିପିନ ନାହକ, ବଜରଙ୍ଗ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଟିପର ସହିତ ବାଇକ ଧକ୍କା : ଭାଇ ଭଉଣୀ ଦୁଇଜଣ ଆହତ

ମାଲକାନଗିରି,୨୨/୩ (ନି.ପ୍ର): ଟିପର ସହିତ ବାଇକ ଧକ୍କା ହୋଇ ଦୁର୍ଘଟଣାରେ ଭାଇ ଭଉଣୀ ଆହତ, ଦୁର୍ଘଟଣା ଘଟାଇଥିବା ଗାଡି ଚାଳକ ଥାନାରେ ଆତ୍ମ ସମର୍ପଣ କରିଛି। ସୂଚନା ଅନୁଯାୟୀ ମାଲକାନଗିରି ଜୟପୁର ୩୨୬ନୟର ଜାତୀୟ ରାଜପଥ ମାଲକାନଗିରି ସିନ୍ଧ୍ରିମାଳ ପଂଚାୟତ ବନ୍ଧଗୁଡା ବୁଲାଣି ନିକଟରେ ଏକ ଟିପରକୁ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ତେବେ ଏହି ଦୁର୍ଘଟଣାରେ ବାଇକରେ ଚଳାଉଥିବା ଉଡୁପା ଗ୍ରାମର ଜଗନ୍ନାଥ କବାସୀ ଓ୍ ା ଇକରେ ବସିଥିବା ତାଙ୍କ ଭଉଣୀ ହୀରାମଣି କବାସୀ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ଟିପର ଚାଳକ ଓ ସ୍ଥାନୀୟ ଗ୍ରାମବାସୀ ଆହତ ଦୁଇଜଣଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇ ଥିବା ବେଳେ ଟିପର ଚାଳକ ନିଜେ ମାଲକାନଗିରି ଆଦର୍ଶ ଥାନରେ ଆତ୍ମସମର୍ପଣ କରିଛି । ଘଟଣା ସ୍ଥଳରେ ପୁଲିସ ପହଁଚି ଏସମ୍ପର୍କରେ ତଦନ୍ତ ଚଳାଇଛି।

# ଜିଲ୍ଲାସ୍ତରୀୟ ସଂଯୋଜନା ଓ ସମନ୍ୱୟ କର୍ମଶାଳା ଅନୁଷ୍ଠିତ

ବଲାଙ୍ଗିର,୨୨/୩ (ନି.ପ୍ର): ବଲାଙ୍ଗୀର ସ୍ଥିତ ପଞ୍ଚାୟତ ସମ୍ଭଳ କେନ୍ଦ୍ର ଠାରେ ୱା ଏସ ସି ଓ ଲେହେର ଅନୁଷ୍ଠାନ ତରଫରୁ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।ଏହି କର୍ମଶାଳାରେ ଶିଶୁ ମଙ୍ଗଳ ସମିତି ର ଅଧକ୍ଷ ଲମ୍ବୋଦର ଦୀପ ଙ୍କ ଅଧକ୍ଷତାରେ କର୍ମଶାଳା ପରିଚାଳନା କରାଯାଇଥିଲା ।ଏହି କର୍ମଶାଳାରେ ୱାଏସସି ର ନିର୍ଦେଶକ ଉମେଶ ପୁରୋହିତ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଶିଶୁ ମାନଙ୍କ ସୁରକ୍ଷା,ଯତ୍ନ କ୍ଷେତ୍ରରେ ସମସ୍ତ ସ୍ୱେଚ୍ଛାସେବୀ ଓ ସରକାରୀ ଅନୁଷ୍ଠାନ ମାନଙ୍କୁ ନେଇ ଏକ ସମନ୍ୱୟ ଓ ସଂଯୋଜନା ପାଇଁ ଉଦ୍ୟମ କରିବା ପାଇଁ ଅବଗତ କରାଇଥିଲେ ।ଏହି ଅବସରରେ ଜିଲ୍ଲା ପୋଲିସ ର ଡି ଏସ ପି ଏ କେ ମଲ୍ଲିକ ଉପସ୍ଥିତ ରହି ଶିଶୁ ଚାଲାଣ ଏବଂ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯାତନା ଉପରେ ଏକ ସଚେତନତା ସୃଷ୍ଟି କରିବାପାଇଁ ପରାମର୍ଶ ଦେଇଥିଲେ ।ଜିଲ୍ଲା ସ୍ତରର ଶ୍ରମ ବିଭାଗର ଏ ଡିଏଲଓ ବିନୋଦ ନାୟକ,କେଶବ ବେହେରା ଉପସ୍ଥିତ ରହି ଦେଶାନ୍ତର ଶିଶୁ ଶ୍ରମିକ ମାନଙ୍କର ସମସ୍ୟା ଉପରେ ବିଶଦ ଭାବରେ ଜଣାଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଆସ୍ କିଶୋର ନ୍ୟାୟ ଆଇନ୍ ଉପରେ ଅବଗତ କରିଥିଲେ, ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଅଣ ଆନୁଷ୍ଠାନିକ ଉପରେ ଥିବା ଶିଶୁଙ୍କ ଯତ୍ନ ପାଇ ଥିବା ବିଭିନ୍ନ ଯୋଜନା ଯଥା ପନସରସିପ, ଫୋଷ୍ଟର୍ କେୟାର,ଯଶୋଦା,ଗ୍ରୀନ ପାସେଜ ଉପରେ ଜଣାଇବା ସହ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ଉପରେ ୫ % ଅନୁଦାନ ପଞ୍ଚାୟତ ଅନ୍ ଟାଏଡ଼ ପାଣ୍ଠି ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା ଥିବାର ଜଣାଇଥିଲେ। ରେଲୱେ ର ଜିଆର୍ ପି ପୋଲିସ ରୁ ହେମନ୍ତ ପ୍ରସାଦ ପଧାନ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ।

## ଘରୁ ତାଲା ଭାଙ୍ଗି ସୁନା ଗହଣା ଲୁଟ : ଥାନାରେ ଅଭିଯୋଗ

ଧର୍ମଶାଳା,୨୨/୩ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ କୋଠାସାହି ଗ୍ରାମରେ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଲୁଟ ହୋଇଥିବା ନେଇ ଘର ମାଲିକ ଶ୍ରୀଧର ବେହେରା ଥାନାରେ ଅଭିଯୋଗ କରିଛନ୍ତି । ରାତିରେ ଶ୍ରୀଧରଙ୍କ ପରିବାର ଶୋଇବା ପରେ ଅନ୍ୟ ଏକ ଘରେ ନ ଥିଲେ । ଫଳରେ କେହି ଦୃବୃତ ଏହାର ସୁଯୋଗ ନେଇ ଘରେ ପଶି, ଘର ଭିତରେ ଥିବା ଏକ ବାକ୍ସରୁ ତାଲା ଭାଙ୍ଗି ବାକ୍ସରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ନେଇ ଯାଇଥିବା ସକାଳେ ଜାଣିବାକୁ ପାଇଥିଲେ । ଏନେଇ ଶ୍ରୀଧର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୭୪।୨୫ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରୁ ତଦନ୍ତ କରି ଫେରି ଆସିଥିବା ଜଣାପଡିଛି ।

# ଗାଈ ଚୋରି କରିବା ସମୟରେ ଗ୍ରାମବାସୀଙ୍କ ହାବୁଡରେ ପଡିଲେ ୪ ଯୁବକ : ଥାନାରେ ଅଟକ

ଧର୍ମଶାଳା,୨୨/୩ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଓ ବ୍ରହ୍ମବରଦା ଥାନା ଅଂଚଳରୁ ଗଲା କିଛି ଦିନ ଗୁହାଳୁ ଗାଈ ଚୋରି କରିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଫଳରେ ଥାନାରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିଲା । ତେବେ ଧର୍ମଶାଳା ଥାନା ଦେଓଦା ପଂଚାୟତ ସେରପୁର ଗ୍ରାମରେ ଗୁହାଳରୁ ଗୋରୁ ଚୋରି କରୁଥିବା ୪ ଜଣ ଦୁର୍ବୃତଙ୍କୁ ଗ୍ରାମବାସୀ କାବୁ କରି ପୁଲିସ ରେ ଜିମା ଦେଇଥିବା ବେଳେ ପୋଲିସ ଏହି ଘଟଣାରେ ସେମାନଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ସୂଚନା ମୁତାବକ ଗତ କିଛି ଦିନ ହେବ ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ପଂଚାୟତର ସେଓହା ବାସୁଦେବପୁର,ନୂଆକୂଳ ଓ ବ୍ରହ୍ମବରଦା ଥାନା ଅନ୍ତର୍ଗତ କୋଠିଡିହ ଗ୍ରାମରେ ବିଳମ୍ବିତ ରାତିରେ ଗୁହାଳରୁ ଗାଈ ଚୋରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏପରିକି ଗତ ୨୦ ତାରିଖରେ ସ୍ଥାନୀୟ ଅଂଚଳର ଜଣେ ବ୍ୟକ୍ତିଙ୍କ ଗୁହାଳରୁ ରାତିରେ ଗାଈ ଚୋରି ହେବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପାଇ ପୁଲିସ ହାଲୁକା ଭାବେ ଘଟଣାକୁ ନେଇ ତଦନ୍ତ ନକରି ବସିରହିଛି । ଯାହା ଫଳରେ ଦୁର୍ବୃତମାନେ ଗୋରୁ ଚୋରି କରିବାର ସାହାସ ଜୁଟାଇ ପୁଣି ଗୋରୁ ଚୋରି କରିବାକୁ ଉଦ୍ୟମ କରିଛନ୍ତି । ଗତକାଲି ରାତି ପ୍ରାୟ ସାଢେ ବାରଟା ସମୟରେ ସେରପୁର ଗ୍ରାମର କରୁଣା ରାଉତଙ୍କ ଗୁହାଳରେ କେତେକ ଯୁବକ ପଶି ଗୋରୁ ଫିଟାଉଥିବା ବେଳେ ଲୋକେ ଦେଖି ହୋହଲା କରିବା ସହ ୩ ଜଣଙ୍କୁ କାବୁ କରିନେଇଥିଲେ । ପରେ ଏନେଇ ଧର୍ମଶାଳା ପୁଲିସକୁ ଖବର ଦେବା ପରେ ପୁଲିସ ସେଠାରେ ପହଁଚି ଅଟକ ଥିବା ବ୍ରହ୍ମବରଦା ଅଂଚଳର ୩ଜଣ ଯୁବକଙ୍କୁ ଧରି ଆଣି ଥାନାରେ ଅଟକ ରଖିବା ସହିତ ସେମାନଙ୍କୁ ପଚରା ଉଚୁରା କରୁଛି । ଏହି ଘଟଣାରେ ପୁଲିସ ବ୍ରହ୍ମବରଦା ଅଂଚଳର ଅନ୍ୟ ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରା ଉଚୁରା କରୁଥିବା ଜଣାଯାଇଛି ।

# ନିର୍ବାହୀ ଅଧିକାରୀଙ୍କୁ ମାଡ ଘଟଣା : ଗିରଫ ହୋଇ କୋର୍ଟ ଚାଲାଣ ହେଲେ କାଉନସିଲର

ଚମ୍ପୁଆ,୨୨/୩ (ନି.ପ୍ର): କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କୁ କଲର୍ ଧରି ଦୁର୍ବ୍ୟବହାର କରିବା ସହିତ ମାଡ଼ ମାରିଲେ କାଉନସିଲର। କଲର ଧରି ଟଣା ଓଟରା କରିବା ସହ ସାର୍ଟ କୁ ଛିଡାଇ ପକାଇଲେ । ଏଭଳି ଏକ ଘଟଣା ଘଟିଛି ଚମ୍ପୁଆ ବିଜ୍ଞାପିତ ଅଂଚଳରେ । ଘଟଣା ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚମ୍ପୁଆ ଥାନା ରେ ସମ୍ପୃକ୍ତ କାଉନସିଲର ଙ୍କ ବିରୋଧ ରେ ଅଭିଯୋଗ କରିବା ପରେ ପୁଲିସ କାଉନସିଲର କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ କାଲି ଅପରାହ୍ନ ରେ ଚମ୍ପୁଆ ରେ ହଠାତ କାଳବୈଶାଖୀ ବର୍ଷା ଯୋଗୁ ବିଭିନ୍ନ ସ୍ଥାନ ରେ ଡ୍ରେନ ଗୁଡିକ ଉଚ୍ଛୁଳି ପଡିଥିଲା । ଡ୍ରେନ ରୁ ମଇଳା ପାଣି ବାହାରି ଘର ଓ ଦୋକାନ ମାନଙ୍କ ରେ ପଶିଯାଇଥିବା ଦେଖିବାକୁ ମିଳିଥିଲା । ୫ ନଂ ୱାର୍ଡ ରେ ମଧ ନର୍ଦ୍ଦମା ପାଣି ବାହାରି ଘରେ ପଶିଥିବା ନେଇ ଉକ୍ତ ୱାର୍ଡ ର କାଉନସିଲର ଏମଡି ସାକିବ ସରୱାର ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ର କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ଙ୍କୁ ଫୋନ କରି ଏ ବିଷୟ ରେ ଜଣାଇଥିଲେ । ଅଧିକାରୀ ଶ୍ରୀ ବେହେରା ପରିଷଦ ର କର୍ମଚାରୀ ମାନଙ୍କୁ ୫ ନଂ ୱାର୍ଡ କୁ ପଠାଇଥିଲେ । ତେବେ କାଉନସିଲର ଜଣଙ୍କ ଏଥିରେ ସନ୍ତୁଷ୍ଟ ନ ହୋଇ କାର୍ଯ୍ୟାଳୟ କୁ ଆସି ଅଧିକାରୀ ଶ୍ରୀ ବେହେରା ଙ୍କୁ ୱାର୍ଡ କୁ ଡାକି ନେଇଥିଲେ । ୫ ନଂ ୱାର୍ଡ ରେ ପହଂଚି ସ୍ଥିତି ଅନୁଧାନ କରୁଥିବା ବେଳେ କାଉନସିଲର ସାକିବ ହଠାତ ଉତକ୍ଷିପ୍ତ ହୋଇ ନିର୍ବାହୀ ଅଧିକାରୀ ଙ୍କ ସାର୍ଟ କଲର ଧରି ଟଣା ଓଟରା କରି ମାଡ ମାରି ଦୁର୍ବ୍ୟବହାର କରିଥିଲେ । ସାର୍ଟ କୁ ଛିଡାଇ ମଧ ପକାଇଥିଲେ । ଘଟଣା ପରେ ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଘଟଣା ସମ୍ପର୍କରେ ସଙ୍ଗେ ସଙ୍ଗେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ଙ୍କୁ ଜଣାଇଥିଲେ । ଗତ ରାତି ଅଧିକାରୀ ଶ୍ରୀ ବେହେରା ଉପଜିଲ୍ଲାପାଳ ଓ ବିଜ୍ଞାପିତ ଅଂଚଳ ପରିଷଦ ର ଅଧକ୍ଷ ଙ୍କ ଉପସ୍ଥିତି ରେ ସମ୍ପୃକ୍ତ କାଉନସିଲର ଙ୍କ ବିରୋଧ ରେ ଚମ୍ପୁଆ ଥାନା ରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଆଜି ଚମ୍ପୁଆ ପୁଲିସ ଥାନା କେସ ନଂ ୬୬/୨୫ ରେ ମାମଲା ରୁଜୁ କରି କାଉନସିଲର ସାକିବ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କାଉନସିଲର ଜଣକୁ ଭାରତୀୟ ନ୍ୟାୟ ସଂହିତା ର ଦଫା ୧୨୬(୨) , ୧୧୫(୨), ୩୫୧(୨), ୧୨୧(୧) ରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଚମ୍ପୁଆ ଥାନାଧିକାରୀ ଦେବକୀ ନାଏକ ସୂଚନା ଦେଇଛନ୍ତି ।

# ରାଜସ୍ୱ ମନ୍ତ୍ରୀଙ୍କ ବାଙ୍ଗରିପୋଷି ଓ ବିଶୋଇ ବ୍ଲକର କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ

## ପ୍ରଭାବିତ ଲୋକଙ୍କୁ ଅତିଶୀଘ୍ର ସରକାରୀ ସହାୟତା ପ୍ରଦାନ କରାଯିବ



ବାରିପଦା , ୨୩/୩ (ନି.ପ୍ର): ଆଜି ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଗତ ମାର୍ଚ୍ଚ ୨୦ତାରିଖ ପ୍ରବଳ କୁଆପଥର ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍ଗରିପୋଷୀ ବ୍ଲକର ସରାସପୋଷି, ହାଣଦା, ମହୁଲବରେଇ, ସିଲପୁଞ୍ଜି, ମଣଦା ଆଦି ଗାଁ ଏବଂ ବିଶୋଇ ବ୍ଲକର ଖଡମବେଡା, ପୁଣ୍ଡିଦା, କେଶରଗଡିଆ, ସାରସପଡା, ମୂଷାମାରି, ଯୋଡ଼ିଆ ଇତ୍ୟାଦି କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରି ସେଦିନ ପ୍ରକୃତିର ଏହି ତାଣ୍ଡବ ଲୀଳା କେତେଯେ ଭୟଙ୍କର ଥିଲା ତାହା ବର୍ତମାନ ପରିସ୍ଥିତିରୁ ଅନୁମେୟ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି ଅଭାବନୀୟ ପରିସ୍ଥିତିର ନିରୀକ୍ଷଣ ଅବସରରେ ରାଜସ୍ୱ ମନ୍ତ୍ରୀଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ ଡ଼ । କୃଷ୍ଣ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗରିପୋଷୀ ବିଧାୟିକା ସଂଞ୍ଜଳି ମୁର୍ମୁଙ୍କ ସହ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ବାରିପଦା ଉପଜିଲ୍ଲାପାଳ ଡ଼ । ଦୟାସିନ୍ଧୁ ପରିଡା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାମ ଚନ୍ଦ୍ର ସୋରେନ, କାନ୍ଦ୍ରା ସୋରେନ ଏବଂ ବିଭିନ୍ନ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ପ୍ରାକୃତିକ ଦୁର୍ଯୋଗର ଶିକାର ହୋଇଥିବା ଗରିବ ଲୋକଙ୍କୁ ଭେଟି ମନ୍ତ୍ରୀ ଏହି ଦୁର୍ଦଶା ପାଇଁ ସେମାନଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନ ତରଫରୁ ଆବଶ୍ୟକ ସରକାରୀ ସହାୟତା ଯଥା ପଲିଥିନ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଶିଶୁ ଖାଦ୍ୟ, ପିଇବା ପାଣି, ଔଷଧ ଇତ୍ୟାଦି ମିଳିଛି କି ନାହିଁ ପଚାରି ବୁଝିଥିଲେ ଏବଂ ସୁହାନୁଭୂତି ପ୍ରଦର୍ଶନ ପୂର୍ବକ ବର୍ତମାନ ପରିସ୍ଥିତିରେ ଧର୍ଯ୍ୟହରା ନହେବା ପାଇଁ ଆଶ୍ୱାସନା ଦେଇଥିଲେ। ଲୋକମାନଙ୍କ ଏହି ଦୁଃଖଦ ପରିସ୍ଥିତି ପାଇଁ ସରକାର ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଅଛନ୍ତି ଏବଂ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସରକାରୀ ସହାୟତା ତଥା କ୍ଷତିପୂରଣ ଖୁବ ଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରଭାବିତ ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ଘର ମରାମତି ସର୍ବପ୍ରଥମ ଆବଶ୍ୟକତା ଥିବାରୁ ପ୍ରାଥମିକତା ଭିତ୍ତିରେ ଏବାବଦ ରେ କ୍ଷତିପୂରଣ ରାଶି ତୁରନ୍ତ ଡିବିଟି ଜରିଆରେ ବ୍ୟାଙ୍କ ଖାତାରେ ପ୍ରଦାନ କରାଯିବ। ଅନ୍ୟାନ୍ୟ ବାବଦରେ କ୍ଷତି ପୂରଣ ପର୍ଯ୍ୟାୟ କ୍ରମେ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ କୌଣସି କ୍ଷତିଗ୍ରସ୍ତ ଲୋକ ଯେମିତି କ୍ଷତି ପୂରଣ ପାଇବାରୁ ବାଦ ନପଡନ୍ତି ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏତଦ ବ୍ୟତୀତ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକମାନେ ଚାହିଁଲେ ଶେଲଟର ସେଣ୍ଟରରେ ରହି ପାରିବେ ଏବଂ ସମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବା କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦିବ୍ୟାଙ୍ଗ ଶ୍ରମିକଙ୍କୁ ମାଡ: ନ୍ୟାୟ ପାଇଁ ଖଇରା ଥାନାର ଦ୍ୱାରସ୍ଥ

ଖଇରା, ୨୩/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମଳିହା(ବଣସାହି) ଗ୍ରାମର ଶ୍ରମିକ ଭାବେ କାମ କରୁଥିବା ଦିବ୍ୟାଙ୍ଗ ଗୌତମ ବେହେରାଙ୍କୁ ଜଣେ ଶିକ୍ଷୟତ୍ରୀ ସାମନ୍ୟ କଥାକୁ ନେଇ ନିସ୍ତୁକ ମାଡ ମାରିବା ନେଇ ଗୌତମ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଦାୟିତ୍ୱରେ ଥିବା ଏଏସଆଇ ଘଟଣାକୁ ରଫାଦଫା କରି ଚପାଇ ଦେବାକୁ ଉଦ୍ୟମ କରୁଥିବା ବେହେରାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଗୌତମ ୧୯ତାରିଖ ଦିନ ମଳିହା ଚାରିଘେରିଆ ଗ୍ରାମର ପ୍ରତାପ ବେହେରାଙ୍କ ଘରକୁ କାମ କରିବାକୁ ଯାଇଥିଲେ । କାମ କରୁଥିବା ବେଳେ ଉକ୍ତଗ୍ରାମର ଜଣେ ଶିକ୍ଷୟତ୍ରୀ ତାଙ୍କ ସ୍ୱାମୀଙ୍କ ନିର୍ଦ୍ଦେଶରେ ଏକ ବାଉଁଶ ଠେଙ୍ଗାଆଣି ନିସ୍ତୁକ ମାଡ ମାରିଥିଲେ । ପରେ ଚିକିତ୍ସା ପାଇଁ ଗୌତମକୁ ଖଇରା ଡାକ୍ତରଖାନାକୁ ନିଆଯାଇଥିଲା । ଆଇଆଇସି ସୁଚନ୍ଦ୍ର ମହାଲିକଙ୍କୁ ଯୋଗାଯୋଗ କରିବାରେ ଏ ବିଷୟ ବୁଝୁଥିବା ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ଡଗରା ଓ ଚଉମୁଖ ବେଳାଭୂମିରେ ୨୦ ହଜାର କଇଁଛ ଅଣ୍ଡା




ବାଲିଆପାଳ, ୨୩/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଡଗରା ଚଉମୁଖ ବେଳାଭୂମି ରେ କଇଁଛ ମାନେ ୨୦ ହଜାର ଅଣ୍ଡାଦାନ କରିଛନ୍ତି। ଡିସେମ୍ବର ମାସଠାରୁ କଇଁଛ ମାନେ ସାମୁହିକ ଅଣ୍ଡାଦେବା ପାଇଁ ସ୍ଥଳ ଭାଗକୁ ଆସି ଅଣ୍ଡା ଦେଇଥାନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଡଗରା ଓ ଚଉମୁଖ ବେଳାଭୂମି ରେ ଅଧିକ ଅଣ୍ଡାଦାନ କରିଛନ୍ତି। ଲଙ୍ଗଳେଶ୍ୱର ବନପାଳ ମନୋଜ ଧଡା ଙ୍କ କହିବା କଥା ପରିଷ୍କାର ସମୁଦ୍ର କୂଳ ଓ ପରିବେଶ ଅନୁକୂଳ ଥିବାରୁ ଅଣ୍ଡାଦାନ ପ୍ରକ୍ରିୟା ବୃଦ୍ଧି ପାଇଛି। ଅଣ୍ଡା ଗୁଡିକୁ କୃତ୍ରିମ ପ୍ରଜନନ କେନ୍ଦ୍ର ରେ ୪୫ ଦିନ ରୁ ୬୦ ଦିନ ମଧ୍ୟରେ ଛୁଆ ଫୁଟିବା ପରେ ଶାବକ ଗୁଡ଼ିକ ସମୁଦ୍ରରେ ଛଡାଯିବ। କଇଁଛ ସୁରକ୍ଷା ପାଇଁ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ଙ୍କ ନିର୍ଦ୍ଦେଶ ଏବଂ ଚାନ୍ଦିପୁର ରେଞ୍ଜରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ସାଗରିକା ସିଂ, ରାମେଶ୍ୱର ମୁର୍ମୁ ଙ୍କ ଉପସ୍ଥିତି ଏବଂ କଇଁଛ ସୁରକ୍ଷା କର୍ମୀଙ୍କ ସହାୟତାରେ ଏହି କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ଧଡା ସୁଚନା ଦେଇଛନ୍ତି।

# ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ୫ମ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା 'ସନ-୨୦୨୫' ଏବଂ 'ରେମୋ' ନାଟକ




ପାରାଦ୍ୱୀପ, ୨୩/୩ (ନି.ପ୍ର): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ର ପଞ୍ଚମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି ଦୁଇଟି ମନମୁଗ୍ଧକର ନାଟକ । ମଧ୍ୟପ୍ରଦେଶ ଓ କୋରାପୁଟ, ଓଡ଼ିଶାର ଦୁଇଟି ନାଟକକୁ ସ୍ଥାନୀୟ ଜୟଦେବ ସଦନଠାରେ ଦର୍ଶକମାନେ ବେଶ ଉପଭୋଗ କରିଥିଲେ । ମଧ୍ୟପ୍ରଦେଶରୁ ଆସିଥିବା ରଙ୍ଗସାଧକ ନାଟକ ସଂସ୍ଥାର କଳାକାରମାନେ ନିର୍ଦ୍ଦେଶକ ମନୋଜ କୁମାର ସୋନିଙ୍କ ନିର୍ଦ୍ଦେଶିତ ହିନ୍ଦୀ ଭାଷାର ନାଟକ ' ସନ - ୨୦୨୫' ମଞ୍ଚସ୍ଥ କରିଥିଲେ ।ନାଟକଟି ଏକ ଅପରାଧ କାହାଣୀ ଚାରି ପାଖରେ ଘୁରି ବୁଲୁଛି । ଏହା ଜଣେ ପ୍ରସିଦ୍ଧ ଅପରାଧ ଔପନ୍ୟାସିକ ଧିରଯ ଅଧିକାରୀଙ୍କୁ ଅନୁସରଣ କରେ, ଯିଏ ବାସ୍ତବ ଜୀବନର ଅପରାଧ ଉପରେ ତାଙ୍କର ଉପନ୍ୟାସ ଆଧାରିତ କରିବା ପାଇଁ ଜଣାଶୁଣା । ତାଙ୍କୁ ଜଣେ ଘରୋଇ ଗୁଇନ୍ଦା, ସୁଫି ଦ୍ୱାରା ତଦନ୍ତ କରାଯାଉଛି, ଯିଏ ତାଙ୍କୁ ସନ୍ଦେହ କରନ୍ତି । ଯେତେବେଳେ ସୁଫି ଔପନ୍ୟାସିକଙ୍କ ହୋଟେଲ ସୁଟରେ ପ୍ରବେଶ କରିବାରେ ସଫଳ ହୁଅନ୍ତି ଓ ତାଙ୍କ ବାସ୍ତବ ଜୀବନର ଘଟଣାକୁ ଛାନବିନ କରନ୍ତି ସେତେବେଳେ ଉତ୍ତେଜନା ବୃଦ୍ଧି ପାଏ। ସୁଫି ଧୀରଯଙ୍କୁ ତାଙ୍କ ଅପରାଧ ସ୍ୱୀକାର କରିବାକୁ ବାଧ କରନ୍ତି । ତଥାପି ନ୍ୟାୟର ସମ୍ମୁଖୀନ ହେବା ପରିବର୍ତେ ଧିରଯ ସୁଫିଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରନ୍ତି । ଏହି ନାଟକଟି ନିର୍ଭୟା ମାମଲାରୁ ବହୁଳ ଭାବରେ ଆକର୍ଷିତ, ଗଭୀର ମନସ୍ତାତ୍ତ୍ୱିକ ଏବଂ ସାମାଜିକ ପ୍ରସଙ୍ଗ ଗୁଡ଼ିକୁ ଅନୁସନ୍ଧାନ କରିବା ସହିତ ନୈତିକତା, ଅପରାଧ,ଭୟଙ୍କର କାହାଣୀ ପ୍ରତି ଦର୍ଶକଙ୍କ ଆକର୍ଷଣକୁ ପ୍ରଶ୍ନ କରିଥାଏ । ପଞ୍ଚମ ସଂଧ୍ୟାର ଦ୍ୱିତୀୟ ନାଟକ ଭାବେ 'କୋରାପୁଟ କଲ୍ଚରାଲ ସୋସାଇଟି', କୋରାପୁଟରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଦେଶିଆ/ ଓଡ଼ିଆ ନାଟକ ' ରେମୋ ' ମହୋତ୍ସବର ଅନ୍ୟ ଏକ ଆକର୍ଷଣ ଥିଲା । ଓଡ଼ିଶାର କୋରାପୁଟ ଅଞ୍ଚଳ ହଜାର ହଜାର ବର୍ଷ ଧରି ବସବାସ କରୁଥିବା ଜନଜାତିଙ୍କ ପାଇଁ ସ୍ୱର୍ଗ । ସେମାନଙ୍କର ସଂସ୍କୃତି ଓ ଐତିହ୍ୟ ଜଗତ ପାଇଁ ଏକ ରହସ୍ୟ । ଅସାଧାରଣ ଆଦିମ ଅଧିବାସୀ ବଣ୍ଡା କୋରାପୁଟ ଅଞ୍ଚଳର ଦୂରବର୍ତ୍ତୀ ବଣ୍ଡା ପାହାଡ଼ରେ ବାସ କରନ୍ତି । ଧନୁ ଏବଂ ତିର ସହିତ ସଜ୍ଜିତ ବଣ୍ଡା ପୁରୁଷ ସାମାନ୍ୟ ଉତ୍ତେଜନାରେ ସିଧାସଳଖ ତାଙ୍କ ପ୍ରତିପକ୍ଷ୍ୟଙ୍କ ଛାତିରେ ତାଙ୍କର ତୀର ଛାଡ଼ିବାକୁ ଦ୍ୱିଧା କରନ୍ତି ନାହିଁ । ବନ୍ଦ ଏହି ଅଞ୍ଚଳର ମୂଳ ବାସିନ୍ଦା ଦାବି କରନ୍ତି ଓ ନିଜକୁ ରେମୋ ବୋଲି ଚିହ୍ନିତ କରନ୍ତି । କଡମଗୁଡ଼ା ଏକ ବଣ୍ଡା ଗାଁ ଯେଉଁଠି ଜଣେ ଯୁବ ଶିକ୍ଷକ ସ୍କୁଲ ଖୋଲିବା ପାଇଁ ପହଞ୍ଚିଲେ । ଲୋକମାନେ ତାଙ୍କୁ ବୁଝି ପାରିଲେ ନାହିଁ ଏବଂ ତାଙ୍କୁ ଅତିଥି ଭାବେ ଗ୍ରହଣ କଲେ ନାହିଁ । ଶିକ୍ଷକ ଜଣଙ୍କ ତାଙ୍କୁ ବର୍ଣ୍ଣମାଳା ପଢାଇଲେ। ସେଠାରେ ଶିକ୍ଷା ଦାନ କରିବା ସମୟରେ ସେମାନଙ୍କ ସରଳତା ତାଙ୍କୁ ଏତେ ଆକର୍ଷିତ କରେ ଯେ ସେ ଅଜାଣତାରେ ଗୁଲଙ୍ଗ ପ୍ରେମରେ ପଡିଯାନ୍ତି । ଯେତେବେଳେ ବଢୁଥିବା ପ୍ରେମ ତାର ଶାରୀରିକ ଅଭିବ୍ୟକ୍ତ ପାଏ ଗୁଲାଙ୍ଗ ପ୍ରତିରୋଧ ଦେଖାଏ କିନ୍ତୁ ସେ ମଧ୍ୟ ଶିକ୍ଷକଙ୍କ ପ୍ରତି ଆକର୍ଷିତ ହୋଇ ତାଙ୍କୁ ଭଲ ପାଏ । ପରେ ସମ୍ପର୍କ କୁ ନେଇ ଦ୍ୱନ୍ଦ ସୃଷ୍ଟି ହୁଏ । ଭୟଙ୍କର ଅସ୍ତ୍ରଶସ୍ତ୍ର ସହିତ ବଣ୍ଡା ମାନେ ଶିକ୍ଷୟତ୍ରୀଙ୍କୁ ଘେରିଯାଆନ୍ତି ଓ ଗୁଲାଙ୍ଗକୁ ବିବାହ କରିବାକୁ କୁହନ୍ତି। ଶିକ୍ଷୟତ୍ରୀ ସେମାନଙ୍କୁ ଆଧୁନିକ ସଭ୍ୟତାର ମୁଖ୍ୟ ଧାରାକୁ ଆଣିବା ପାଇଁ ତାଙ୍କୁ ବିବାହ କରିବାକୁ ନିଷ୍ପତି ନିଅନ୍ତି । କିନ୍ତୁ ଧୀରେ ଧୀରେ ନିଜକୁ ଆଦିବାସୀ ସଂସ୍କୃତିରେ ମିଶାଇ ଦିଅନ୍ତି । ସେ ସଚେତନ ନାଗରିକ ଭାବରେ ଅଞ୍ଚଳ ବାସୀଙ୍କ ମାନବୀୟ ମୂଲ୍ୟବୋଧକୁ ଗ୍ରହଣ କରି ନିଜେ ରେମୋ ହୋଇଯାଆନ୍ତି । ଦୁଇଟି ଯାକ ନାଟକରେ କଳାକାରମାନଙ୍କ ଅଭିନୟ ପାରିଦର୍ଶିତାକୁ ଉପସ୍ଥିତ ସମସ୍ତ ଦର୍ଶକ ଭୂୟଶୀ ପ୍ରଶଂସା କରିଥିଲେ । କ୍ୟାନଫେଷ୍ଟର ଏହି ସଂଧ୍ୟାରେ ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ଉପାଧ୍ୟକ୍ଷ ନୀଳଭ୍ର ଦାସଗୁପ୍ତା, ପ୍ରସିଦ୍ଧ ସିନେ ନିର୍ଦ୍ଦେଶକ ହିମାଂଶୁ ଖଟୁଆ ଓ ନାଟ୍ୟ ନିର୍ଦ୍ଦେଶକ ଦର୍ପ ନାରାୟଣ ସେଠୀ ଯୋଗ ଦେଇ କ୍ୟାନମାସର ଉନ୍ନତି କାମନା କରିବା ସହିତ କଳାକାରମାନଙ୍କ ଅଭିନୟକୁ ପ୍ରସଂଶା କରିଥିଲେ । ଆସନ୍ତା କାଲି ୬ଷ୍ଠ ସନ୍ଧ୍ୟାରେ ଜାଗରଣ ଆର୍ଟ ଇଣ୍ଟରନେସନାଲ, ଦେଓଗଡ଼ର କଳାକୋରମୋନେ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଜିତ କୁମାର ପାତ୍ରଙ୍କ ଓଡ଼ିଆ ନାଟକ 'ଲୁହର ରଙ୍ଗ' ମଞ୍ଚସ୍ଥ କରିବେ ।

# ଫରେଷ୍ଟର ଲକ୍ଷ୍ମୀଧର ବାରିକ ସମ୍ବର୍ଦ୍ଧିତ



ବାସୁଦେବପୁର, ୨୩/୩ (ନି.ପ୍ର): ବାସୁଦେବପୁର ପୌର ପାଳିକାର ଗୁଆଗାଁ ଠାରେ ଜନ୍ମ ଗ୍ରହଣ କରିଥିବା ଲକ୍ଷ୍ମୀଧର ବାରିକ ବେଷ୍ଟ ଫରେଷ୍ଟର ଭାବେ ନିକଟରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱର ଲୋକ ସେବା ଭବନ ରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ ଓ ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀ ଲକ୍ଷ୍ମୀଧର ବାରିକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱ ବନ ଦିବସରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ଡ଼ା ଙ୍ଗମାଳ ନିକଟସ୍ଥ ତାଳଚୁଆ ବନଖଣ୍ଡ ସେକ୍ସନ ର ବନପାଳ ଭାବେ କାର୍ଯ୍ୟ କରୁଛନ୍ତି ଲକ୍ଷ୍ମୀଧର ବାରିକ। ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ଏହି ପୁରସ୍କାର ଲାଭ ପରେ ଶ୍ରୀ ବାରିକ ଙ୍କୁ ଅନେକ ଅନୁଷ୍ଠାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ବାରିକଙ୍କ ପରିବାର ବର୍ଗ ହେଲେ ପିତା ଙ୍କ ନାମ ସୁଧାକର ବାରିକ, ପତ୍ନୀ ଭାରତୀ ବାରିକ ଓ ତିନି ପୁଅ । ସମାଜ ର ସେବା ପାଇଁ ଶ୍ରୀ ବାରିକ ସର୍ବଦା ଉଦ୍ୟମ ଜାରି ରଖିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମାର୍ଚ୍ଚ ୨୬ରେ...

ଓଡ଼ିଶା ହାଇକୋର୍ଟ ପରିସରରେ ଏହି ସମାରୋହର ଆୟୋଜନ କରାଯାଉଛି। ଏହି ଅବସରରେ ହାଇକୋର୍ଟର ସମସ୍ତ ବିଚାରପତି, କର୍ମଚାରୀ, ବାର ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିବେ। ସଚନାଯୋଗ୍ୟ, ଜଷ୍ଟିସ୍ ହରୀଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ଏ ନେଇ ଦିନକ ପୂର୍ବରୁ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ କଲିକତା ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ୍ ହରୀଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ରାଷ୍ଟ୍ରପତିଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଥିବା ସଂପର୍କରେ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

### ଆଜି ରାଷ୍ଟ୍ରପତି ...

ସେବାୟତଙ୍କ ନିମନ୍ତ୍ରଣ ରକ୍ଷା କରି ରାଷ୍ଟ୍ରପତି ପ୍ରଥମଥର ପାଇଁ ନୀଳମାଧବଙ୍କ ଦର୍ଶନ ପାଇଁ ଆସୁଥିବାରୁ ମନ୍ଦିର ପୂଜକ ସମାଜ ଉତ୍ସାହିତ ଅଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ଏସ୍‌ପି ଏସ. ସୁଶ୍ରୀ ସମସ୍ତ ବ୍ୟବସ୍ଥାର ଯାଞ୍ଚ କରିଛନ୍ତି । ହେଲିପ୍ୟାଡ୍, ନୀଳମାଧବ ମନ୍ଦିର ଓ ସମାବେଶ ସ୍ଥଳକୁ ତନତନ କରି ଯାଞ୍ଚ କରିଛନ୍ତି । ନୀଳମାଧବଙ୍କ ଦର୍ଶନ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶବର ରାଜା ବିଶ୍ୱାବସୁଙ୍କ ଗାଁ କାଳିଆପଲ୍ଲୀରେ ଆୟୋଜିକ କାର୍ଯ୍ୟକ୍ରମରେ ସାମିଲ ହେବେ । ବିଶ୍ୱାବସୁ ସମାଜ ପକ୍ଷରୁ ସମାବେଶର ଆୟୋଜନ କରାଯାଉଛି । ବର୍ଷବର୍ଷ ଧରି ବିଭିନ୍ନ ମୌଳିକ ସମସ୍ୟାରେ ଘାଣ୍ଟି ହେଉଥିବା କାଳିଆପଲ୍ଲୀ ଗାଁକୁ ସତେ ଯେମିତି ବିକାଶର ବାଟ ଫିଟିଛି । ଅବହେଳିତ ଅବସ୍ଥାରେ ଗଛମୂଳେ ପୂଜା ପାଉଥିବା ବିଶ୍ୱାବସୁଙ୍କ ସ୍ଥାନକୁ ପାହାଚ ନିର୍ମାଣ କରାଯାଇଛି। ଯଜ୍ଞ ଗୃହ ନିର୍ମାଣ ସହ ବିଦ୍ୟୁତ୍ ସଂଯୋଗ ହୋଇଛି । ବାତ୍ୟା ଆଶ୍ରୟସ୍ଥଳକୁ ରଙ୍ଗ କରାଯାଇଛି । ମହାମହିମଙ୍କ ଦ୍ୱାରା ଉଦଘାଟନ୍ ହେବାକୁ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରସ୍ତୁତ କରାଯାଉଛି । ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ପୁରା ଗାଁ ପ୍ରସ୍ତୁତ ହୋଇ ରହିଛି।

### ବିଧାନସଭା ଅଧିବେଶନ...

ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି । ବିଧାନସଭା ବଜେଟ ଅଧିବେଶନ ପରେ ମନ୍ତ୍ରିମଣ୍ଡଳ ସାମ୍ପ୍ରସାରଣ ହୋଇପାରେ । ୯ ମାସ ପରେ ରାଜ୍ୟ ସରକାର ବୋର୍ଡ ଏବଂ ନିଗମ ସଭାପତିଙ୍କ ନାଁ ଘୋଷଣା କରିପାରିଲେ ନାହିଁ । ରାଜ୍ୟ ସଭାପତି କିଏ ହେବ ଦିଲ୍ଲୀ ସ୍ତରରେ ଅଙ୍କ କଷା ଚାଲିଛି । ଏଭଳି ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ରାଜ୍ୟ ରାଜନୀତିକୁ ସରଗରମ କରିଛି ।

### ତୁଟିବ କି ମହାନଦୀ...

ବିରୋଧୀ ଦଳରେ ଥିବାବେଳେ ବିଜେପି ସରକାରଙ୍କ ଉପରେ ଗର୍ଜୁଥିଲା ଆଉ ଏବେ ବିଜେଡି ବିରୋଧୀ ଭୂମିକାକୁ ଆସିବା ପରେ ବିଜେପି ଉପରେ ଗର୍ଜୁଛି । ଆଉ ଏହା ମହାନଦୀ ଜଳବିବାଦ ସମାଧାନ କରିବାରେ ଦୁଇ ଦଳର ଆନ୍ତରିକତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଉ ଗତକାଲି ଦୁଇ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ରାଜନୈତିକ ବୟାନବାଜି ବି ଜୋର ଧରିଛି । ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହୋଇଛି । କିନ୍ତୁ ସମାଧାନର ବାଟ ଫିଟୁନାହିଁ । ଏବେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ପ୍ରଶ୍ନ ଉଠୁଛି, ଟ୍ରିପଲ ଇଞ୍ଜିନ ସରକାର ସମସ୍ୟାର ସମାଧାନ କରିବେ ନା ରାଜନୀତିରେ ପେଶି ହୋଇଯିବ ମହାନଦୀ ଜଳ ବିବାଦ ?

### ସୋସିଆଲ ମିଡ଼ିଆରେ...

ଏବଂ ଅପବାଦପୂର୍ଣ୍ଣ ମନ୍ତବ୍ୟ ଦେଇ ପ୍ରଚାର ସୃଷ୍ଟି କରିପାରିବେ । କିନ୍ତୁ ଶେଷରେ, କେବଳ ପ୍ରମାଣ ଏବଂ କୋର୍ଟ ରାୟ ଗୁରୁତ୍ୱ ରଖେ ବୋଲି ବୋଥ୍ରା ଲେଖିଛନ୍ତି । ହେଲେ ପ୍ରଶ୍ନ ଉଠୁଛି ବୋଥ୍ରାଙ୍କ ଏ ପୋଷ୍ଟ କାହିଁକି ? ସୂଚନାଯୋଗ୍ୟ, ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ପ୍ରଥମେ ତଦନ୍ତ ଦାୟିତ୍ୱ ଥିଲା ଅରୁଣ ବୋଥ୍ରାଙ୍କ ପାଖରେ । ହେଲେ ତଦନ୍ତ ପ୍ରକ୍ରିୟାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହେବାପରେ ଏବେ ପୁଣି ଥରେ କ୍ରାଇମବ୍ରାଞ୍ଚ ସାନି ତଦନ୍ତ ଆରମ୍ଭ କରିଛି । ତେଣୁ ସୁଶାନ୍ତ ସିଂ ପ୍ରସଙ୍ଗରେ ଅରୁଣଙ୍କ ଏ ପୋଷ୍ଟ କେଉଁ ଦିଗକୁ ଇଙ୍ଗିତ କରୁଛି । ତା'କୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ଘ ପୋଷ୍ଟକୁ ନେଇ ଅରୁଣ ବୋଥ୍ରା କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି । ସୂଚନାଯୋଗ୍ୟ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଆକ୍ଟିଭ ମୋଡ଼ରେ ରହିଛି କ୍ରାଇମବ୍ରାଞ୍ଚ । ଏହି କିଛି ଦିନ ଜେରା ଭିତରେ ନବଙ୍କ ପରିବାରଙ୍କ ସମେତ ସମସ୍ତଙ୍କୁ ଜେରା ପରେ ଏଥର ଅଭିଯୁକ୍ତ ଗୋପାଳ ଦାସଙ୍କ ପାଳି ପଡିପାରେ ବୋଲି ଅନୁମାନ କରାଯାଉଛି । ନବଙ୍କୁ ବ୍ରଜରାଜନଗର ବିଟ୍ ରାସ୍ତା ଉପରେ ଗୁଳି ମାରି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ପୋଲିସ୍ ଇଏଓ ଗୋପାଳ ଦାସଙ୍କୁ ହୋଇପାରେ ପଚରାଉଚରା ।

### ନାଗପୁରରୁ ହଟିଲା...

କୌତବାଲୀ, ତହସିଲ, ଗଣେଶପେଠ ଓ ୟଶୋଧାରା ନଗର ଅଞ୍ଚଳରୁ କର୍ଫ୍ୟୁ ହଟିଛି। ଫଳରେ ସହରର ସବୁସ୍ଥାନରୁ ଏବେ କର୍ଫ୍ୟୁ ହଟି ଯାଇଛି। ଶନିବାର ୩୮ ବର୍ଷ ବୟସ୍କ ୱେଲ୍ଡର ଇର୍ଫାନ ଅଂସାରୀ ଯିଏ ସୋମବାର ସାମ୍ପ୍ରଦାୟୀକ ଦଙ୍ଗା କାଳରେ ଆହତ ହୋଇଥିଲେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ ଅଂସାରୀ ବନ୍ଦେ ଗରୀବ ନୱାଜ ନଗରର ବାସିନ୍ଦା ଥିଲେ ଓ ସେ ଇଟାରସୀ ଯିବା ପାଇଁ ଷ୍ଟେସନକୁ ଯାଉଥିବା ବେଳେ ଦଙ୍ଗାକାରୀଙ୍କ ହାବୁଡରେ ପଡିଯାଇଥିଲେ। ଦଙ୍ଗାକାରୀ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ତାଙ୍କ ମୁଣ୍ଡ, ପିଠି ଓ ଗୋଡରେ ଗଭୀର ଆଘାତ ଲାଗିଥିଲା ସେ ବୋହୋସ ହାଇଯାଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ପରିବାର ଲୋକେ ତାଙ୍କୁ ମୟୋ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି।

### ଛତିଶଗଡ଼ରେ ୨୨ ମାଓବାଦୀଙ୍କ...

ନକ୍ସଲ ବିରୋଧୀ ଅପରେସନ ଜୋରଦାର ଚାଲିଥିବା ଯୋଗୁ ଭୟଭୀତ ହୋଇ ଏମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପିତ ମାଓବାଦୀଙ୍କ ମଧ୍ୟରେ ଡିଭିଜନ ପାର୍ଟି ସଦସ୍ୟ, ତେଲେଙ୍ଗାନା ରାଜ୍ୟ କମିଟି ସଦସ୍ୟ, ପ୍ଲାଟୁନ ମେମ୍ବର, ଗାଙ୍ଗାଲୁର ଏରିଆ କମିଟିର ହିରାମଗୁଡ଼ା ଆରପିସି, ପାମେଡ ଏରିଆ କମିଟି ଆରପିସି ଓ କୋଣ୍ଡାପାଲି ସଦସ୍ୟ ରହିଛନ୍ତି । ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ଚେକ୍ ପ୍ରଦାନ କରାଯାଇଛି। ପରେ ସେମାନଙ୍କୁ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବ ବୋଲି ପୋଲିସ କହିଛି । ସେପଟେ ବିଜାପୁର ଭୋପାଳପାଟନମ ଜାତୀୟ ରାଜପଥରେ ନକ୍ସଲମାନେ ଯବାନଙ୍କ ଏକ ପିକ୍ ଅପ୍ ଗାଡ଼ିକୁ ଟାର୍ଗେଟ କରି ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଛନ୍ତି । ଗୋର୍ଲା ନାଲା ଗାଁ ନିକଟରେ ମାଓବାଦୀ ମାନେ ଏହି ଲେଣ୍ଡମାଇନ ବିସ୍ଫୋରଣ କରିଛନ୍ତି । ବିସ୍ଫୋରଣ ପରେ ମାଓବାଦୀ ମାନେ ଯବାନଙ୍କ ଉପରେ ଗୁଳି ଚାଳନା ମଧ୍ୟ କରିଛନ୍ତି । ଏହି ଘଟଣାରେ ଦୁଇ ଯବାନ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି ।

# ନୀଳମଣି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ରୂପସା,୨୩/୩(ନି.ପ୍ର): ରୂପସା ନୀଳମଣି ମହାବିଦ୍ୟାଳୟ ଆନୁକୂଲ୍ୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗତ ୨୧ ତାରିଖ ଦିନ ଉଦ୍‌ଯାପିତ ହୋଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ସରୋଜ କୁମାର ପାଣି ଓ ସମ୍ମାନିତ ଅତିଥି ପ୍ରାଧ୍ୟାପକ ଶମ୍ଭୁନାଥ ଗିରି ଓ ଅନ୍ୟତମ ସମ୍ମାନିତ ଅତିଥି ଅଧ୍ୟାପକ ସୁଧାଂଶୁ ଶେଖର ଜେନା ଯୋଗ ଦେଇ ଆତ୍ମରକ୍ଷା କୌଶଳ ହିଁ ମହିଳାଙ୍କ ସୁରକ୍ଷା ଦିଗରେ ଉପଯୁକ୍ତ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ଅଧ୍ୟାପିକା ଦେବସ୍ମିତା ଭୂୟାଁ ୮ ଦିନ ବ୍ୟାପୀ ହୋଇଥିବା ଏହି ଶିବିର ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନର ଗିତୁଶ୍ରୀ ରାଉତ, ଅନିତା ସାହୁ ଓ ଅନାମିକା ପ୍ରଧାନ ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ୍ ଦେଇଥିଲେ। ଅଧ୍ୟାପକ ଶ୍ରୀଧର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନେ ଏହି ଶିବିରରେ ବହୁମାତ୍ରାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଶିବିରାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସୋମବାର, ମାର୍ଚ୍ଚ ୨୪, ୨୦୨୫

ଧ୍ୱନି ପ୍ରତିଧ୍ୱନି

# ସହିଦ୍ ଭଗତ ସିଂଙ୍କ ବଳିଦାନ ଦିବସ

ଜଳେଶ୍ୱର, ୨୩/୩ (ନି.ପ୍ର): ମହାନ ସ୍ୱାଧୀନତା ସେନାନୀ ଓ ସାମ୍ରାଜ୍ୟବାଦ-ଉପନିବେଶବାଦ ବିରୋଧୀ ସଂଗ୍ରାମର ବିପ୍ଳବୀ ଯୋଦ୍ଧା ସହିଦ ଭଗତ ସିଂ,ଶୁକଦେବ ଓ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ଭାରତର ଛାତ୍ର ଫେଡେରେସନ ଓ ଭଗତ ସିଂ ସ୍ମୃତି କମିଟି ତରଫରୁ ଲକ୍ଷ୍ମଣନାଥ ର ଅଗ୍ରୱାଲା ଛକରେ ଥିବା ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ମାତ୍ର ୨୩ବର୍ଷ ବୟସରେ ସହିଦ ଭଗତ ସିଂ ,ଶୁକଦେବ ଓ ରାଜଗୁରୁଙ୍କୁ ବ୍ରିଟିଶ ସରକାର ଫାଶୀ ଦେଇଥିଲେ । ଭଗତ ସିଂ ଅର୍ଥନୈତିକ ସ୍ୱାଧୀନତା,ସମ୍ପ୍ରଦାୟିକତାବାଦ ବିରୋଧରେ ଏବଂ ଏକ ସମାଜବାଦୀ ସମାଜ ବ୍ୟବସ୍ଥା ଗଠନ କରିବା ଦିଗରେ ଗୁରୁତ୍ୱାରୋପ କରୁଥିଲେ । ହିନ୍ଦୁସ୍ଥାନ ଷୋସିଆଲିଷ୍ଟ ରିପବ୍ଲିକାନ ଆସୋସିଏସନ ଗଠନ କରି ଯୁବକ ମାନଙ୍କୁ ସଂଗଠିତ କରି ୧୯୨୮ରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ସ୍ୱାଧୀନତାର ୭୭ବର୍ଷ ପରେ ଦେଶରେ ଆଜି ସମ୍ପ୍ରଦାୟିକତାବାଦ,ନବ୍ୟ ଫାଶୀବାଦ ତାର କାୟା ବିସ୍ତାର କରୁଛି । ଏହା ବିରୋଧରେ ଯୁବ ସମାଜକୁ ଏକତ୍ରିତ କରି ଭଗତ ସିଂ ଙ୍କ ଆଦର୍ଶରେ ଅନୁପ୍ରାଣିତ କରିବାକୁ ଆଜିର ସଭାରେ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଭଗତ ସିଂ ସ୍ମୃତି କମିଟିର ସଭପତି ବସନ୍ତ ଦାସଙ୍କ ସଭାପତିତ୍ୱର ଅନୁଷ୍ଠିତ ସଭାରେ ବରିଷ୍ଠ ବାମପନ୍ଥୀନେତା ଶିଶିର ହୁଇ ,ଦିଲ୍ଲୀପ ଗିରି, ସୀତାଂଶୁ ସେନାପତି, କମଳ ଚକ୍ରବର୍ତ୍ତୀ, ଏସ୍.ଏଫ୍.ଆଇ ବାଲେଶ୍ୱର ଜିଲ୍ଲା ଆବାହକ ଚନ୍ଦନ କାମିଲା , ଛାତ୍ରନେତା ବିକାଶ ବାରିକ, ମୋନରଞ୍ଜନ ଦାସ,ନିରୋଜ ବେହେରା,କବିରଞ୍ଜନ ଘୋଷ,ଚନ୍ଦନ କର,ମନ୍ମଥ ମହାନ୍ତି,ମହେନ୍ଦ୍ର ମାରାଣ୍ଡି,ସନ୍ତୋଷ ପାଲ,ଜ୍ଞାନେନ୍ଦ୍ର ଜେନା, ଗତିକୃଷ୍ଣ ଜେନା,ଶ୍ୟାମାଚରଣ ଦାସ, ଗଣେଶ ସିଂହ, କାଳିକିଙ୍କର ଚାନ୍ଦ, ଅଜୟ ପୋଲାଇ ,ସଶାଙ୍କ ମଣ୍ଡଳ, ନରେନ୍ଦ୍ର ସିଂ,ବିଦ୍ୟାଧର ପାତ୍ର ,ଦିଲ୍ଲୀପ ପରିଡା, ପଲଟୁ ଦାସ ଆଦି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ଶେଷରେ ରବୀନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇନଭୋଏସ୍ ଫାଙ୍କୁଛି ଆଗ୍ରୋକ୍ଲିନିକ୍: ସାରଟ୍ରକ୍ ମାଡିବସିଲା ଜି.ଏସ.ଟି ବିଭାଗ




ନୀଳଗିରି , ୨୩/୩ (ନି.ପ୍ର): ଟିକସ ଫାଙ୍କି ଚାଲିଥିଲା ଆଗ୍ରୋ କ୍ଲିନିକ।୨୪୦ବସ୍ତା ସାର ଟ୍ରକରେ ବୋଝେଇ କରି ନୀଳଗିରି ବଜାରର ଜଣେ ସାର ଦୋକାନୀ ନିକଟକୁ ପଠାଇଥିଲେ। ବାଲେଶ୍ୱର ଗୋଦାମରୁ ସହଦେବଖୁଣ୍ଟା ୱେ ବିଲ୍ କଟାଯାଇଥିବା ବେଳେ ଉକ୍ତ ସାର ବୋଝେଇ ଟ୍ରକଟି ନୀଳଗିରି ଆସିଥିଲା । ୱେ ବିଲ୍ ସଠିକ୍ ନଥିବା ବେଳେ ଇନଭୋଏସ ବିଲ ମଧ ନଥିଲା। ବିଶେଷସୂତ୍ରରୁ ଖବରପାଇ ଜି.ଏସ.ଟି ବିଭାଗର ଅଧିକାରୀମାନେ ସାର ବୋଝେଇ ଟ୍ରକକୁ ନୀଳଗିରିରେ ଜବତ କରିଥିଲେ। ମାତ୍ର ସାରଦୋକାନୀ ମାଲିକ କହିବା ଅନୁଯାୟୀ ସମସ୍ତଟଙ୍କା ଡ୍ରାଫ୍ଟ କରିଛି। ଚାଲାଣକରିବା କାମ ତାଙ୍କର ମୋର କିଛି ଭୁଲନାହିଁ। ସାରଦୋକାନୀ ଘଟଣା ବାବଦରେ ଆଗ୍ରୋ କ୍ଲିନିକ୍ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଆଗ୍ରୋମାଲିକ ୨୮୮୦୦ଟଙ୍କାର ଜୋରିମାନା ପୈଠ କରିଥିଲେ। ଓ.ଆର୍.୦/୧ ଟ୍ରକରେ ଉକ୍ତ ସାର ଆସିଥିବା ବେଳେ ଡ୍ରାଇଭର୍ ଗଦାଧର ବେହେରାଙ୍କ ନାମରେ ଜୋରିମାନା କଟା ଯାଇଥିବାର ଜଣାପଡିଛି। ତେବେ ଏଥିରୁ ଜଣାପଡୁଛି ଯେ ଆଗ୍ରୋମାଲିକ ଏହିପରି ଦୀର୍ଘଦିନ ଧରି ଜି.ଏସ.ଟି ବିଭାଗ ଆଖିରେ ଅନ୍ଧପୁଟୁଳି ବାନ୍ଧି ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରି ଚାଲିଥିବା ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ଚାଲିଛି।

## ସରସ୍ୱତୀ ଶିଶୁମନ୍ଦିରରେ ପୂର୍ବୋତ୍ତର ବିଭାଗ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ

ନୀଳଗିରି, ୨୩/୩ (ନି.ପ୍ର): ଔପଦାବ୍ଲକ ଅଧୀନ ସନ୍ତରାଗଡିଆ ସରସ୍ୱତୀ ଶିଶୁମନ୍ଦିର ସଭାଗୃହରେ ପୂର୍ବୋତ୍ତରବିଭାଗ ପ୍ରବାସୀ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି ।ବାଲେଶ୍ୱର ଜିଲ୍ଲା ପ୍ରମୁଖ ଆଇନଜୀବୀ କିରଣ କୁମାର ମହାରଣାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ସୌନ୍ଦର୍ଯ୍ୟା ଲକ୍ଷ୍ମୀ ମହାନ୍ତି। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସମ୍ପାଦକ ଯୁଧିଷ୍ଠିର ନନ୍ଦ। ମୁଖ୍ୟବକ୍ତା ଡକ୍ଟର ନରୋତ୍ତମ ପରିଡା ବିଦ୍ୟାଭାରତୀର ପଞ୍ଚପରିବର୍ତ୍ତନ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଯୋଜକ ବିଭୁତି ଭୂଷଣ ପାଇକରାଏ, ନିରୀକ୍ଷକ ବିଜନ କୁମାର ଜେନା, ଭଦ୍ରକ ଜିଲ୍ଲା ଶୈକ୍ଷିକ ପ୍ରମୁଖ ନିରଞ୍ଜନ ରାଉତ, ଭଦ୍ରକ ଜିଲ୍ଲା ନିରୀକ୍ଷକ ଶୁଭ୍ରତ ମୁଖାର୍ଜୀ, ସ୍କୁଲକମିଟି ସଭାପତି ଜଗବନ୍ଧୁ ଦାସ ଉପସ୍ଥିତ ଥିଲେ। ଏହିସଭାରେ ୧୦ଟି ସଂକୁଳର ପ୍ରମୁଖ, ନିରୀକ୍ଷକଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗରେ ଶିକ୍ଷକ ଅଭିଭାବକ ସାକ୍ଷାତକାର



ବାରିପଦା, ୨୩/୩ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗରେ ଶିକ୍ଷକ ଅଭିଭାବକ ସାକ୍ଷାତକାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ହେମନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ । ଏହି ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଆଗତ ଓ ଗୃହୀତ ହୋଇଥିଲା । ଏହି ବୈଠକରେ ବିଭାଗୀୟ ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା ପ୍ରାଣୀବିଜ୍ଞାନ ବିଭାଗର ପାଠ୍ୟକ୍ରମ ବିଷୟରେ ଏବଂ ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର ଗବେଷଣା ବିଷୟରେ ତଥ୍ୟ ରଖିବା ସହ ବିଭାଗର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଶେଷରେ ସହକାରୀ ପ୍ରଫେସର ଡ. ଗାର୍ଗୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସାୟେଦା ଫୌଜିଆ ମାନୱାର ଓ ଜ୍ୟୋତିପ୍ରଜ୍ଞା ମାଝୀ ପ୍ରମୁଖ ସହଯୋଗ କରିଥିଲେ । ଏହି ବୈଠକରେ ବହୁ ଅଭିଭାବକ ଉପସ୍ଥିତ ଥିଲେ ।

# କଦଳୀରେ ସ୍ପ୍ରେ ହେଉଛି ମାରାତ୍ମକ ରସାୟନ

ବାଲିଆପାଳ , ୨୩/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ସିମୁଳିଆ ମାର୍କେଟ କଦଳୀ ବିକ୍ରି ପାଇଁ ବେଶ ପରିଚିତଙ୍କ ଏଠାରେ ଶସ୍ତାରେ କଦଳୀ ମିଳେ ବୋଲି ମାର୍କେଟ ଦେଇ ଯାତାୟାତ କରୁଥିବା ଲୋକ ଘରକୁ କଦଳୀ କିଣି ନେଇଥାନ୍ତି ଆନ୍ଧ୍ର ପ୍ରଦେଶରୁ ଆସୁଥିବା କଦଳୀ ଉପରେ ନିର୍ଭରଶୀଳ ସିମୁଳିଆ ମାର୍କେଟ । ପ୍ରତ୍ୟେକ ଦିନ ୪/୫ଟି ଗାଡ଼ିରେ କଦଳୀ ଏଠାରେ ଥିବା ଗୋଦାମକୁ ଆସିଥାଏ । ଏଠାରୁ ଛୋଟ ଛୋଟ ଖୁଚୁରା ବେପାରୀ ମାନଙ୍କ ପାଖକୁ ଗାଡ଼ି ମାଧ୍ୟମରେ ଗୋଦାମ ମାଲିକ କଦଳୀ ପଠାଇଥାନ୍ତି । ସିମୁଳିଆ ମାର୍କେଟ ଉପରେ କଦଳୀ ନିମନ୍ତେ ଅନେକ ବ୍ୟବସାୟୀ ନିର୍ଭର କରିଥାନ୍ତି । ତେଣୁ ଏଠି କଦଳୀ ବ୍ୟବସାୟ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଯାଇଛି । ଅନେକ ଦିନ ଧରି ଏଠାରେ କଦଳୀ ବିକ୍ରି କରି ଶହ ଶହ ଲୋକ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ବର୍ତ୍ତମାନ କିଛି ମୁନାଫାଖୋର ବ୍ୟବସାୟୀ ଅଧିକ ଲାଭ ଆଶାରେ ମଣିଷ ଜୀବନ ସହ ଖେଳିବାକୁ ପଛାଉନାହାନ୍ତି । କିଛି ଦିନ ତଳେ ସେଉଫଳରେ ମହମ ମିଶୁଥିବା, ଲିଚିରେ ରସାୟନ ଦିଆଯାଉଥିବା ଚର୍ଚ୍ଚା ହେବା ପରେ ଏବେ ପାଚିଲା କଦଳୀରେ 'ଏଥିଫୋନ-୩୯' ନାମକ ରାସାୟନିକ ଦ୍ରବ୍ୟ ସ୍ପ୍ରେ କରାଯାଉଥିବା ଜଣାପଡିଛି । ବଜାରରେ କଦଳୀର ଚାହିଦା ଦେଖି ବେପାରୀ ମାନେ ଅଳ୍ପ ସମୟ ମଧ୍ୟରେ ଅଧିକ ବେପାର କରିବାକୁ ଏହି ଉପାୟ ଅବଲମ୍ବନ କରୁଛନ୍ତି । ହେଲେ ଏହି ବିଷାକ୍ତ ରସାୟନ ଯେ ମଣିଷ ଶରୀର ପାଇଁ କେତେ କ୍ଷତିକାରକ, ସେଥିପ୍ରତି କାହାର ନିଘା ନାହିଁ । ଉପରକୁ ଟଟକା ଓ ତାଜା ଦେଖାଯାଉଥିବା ଖାଦ୍ୟ ପଦାର୍ଥ ପ୍ରକୃତରେ ଯେ କେତେ ମାରାତ୍ମକ, ତାହା ସାଧାରଣ ଲୋକଙ୍କ କଳ୍ପନା ବାହାରେ । କଦଳୀରେ ବ୍ୟବହାର ହେଉଥିବା ଏହି ରାସାୟନିକ ଦ୍ରବ୍ୟ ଦ୍ୱାରା ଚର୍ମ ରୋଗ ସୃଷ୍ଟି କରିବା ସହିତ ଆଖି ଫୁଲି ଯାଇ ଦୃଷ୍ଟି ଶକ୍ତି ହ୍ରାସ ପାଇବ ବୋଲି ବରିଷ୍ଠ ବିଶେଷଜ୍ଞ ମାନେ ପ୍ରକାଶ କରିଛନ୍ତି । ଭାରତରେ ଖାଦ୍ୟ ଅପମିଶ୍ରଣ ନିବାରଣ ଆଇନ ଧାରା ୪୪ ଅନୁଯାୟୀ ଏହାର ବ୍ୟବହାରକୁ ନିଷେଧ କରାଯାଇଛି । ଏହା ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ଯୋଗୁଁ ଏହି ଆଇନ କଡ଼ାକଡ଼ି ଭାବେ ଲାଗୁ ହୋଇପାରିନାହିଁ ଏଥିପ୍ରତି ବାଲିଆପାଳ ପ୍ରଶାସନ ଓ ବାଲେଶ୍ୱର ଖାଦ୍ୟ ନିରାପତ୍ତା ଅଧିକାରୀ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଧାରଣରେ ଦାବି ହୋଇଛି ।

# ଦେୟମୁକ୍ତ ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସା ଶିବିର



ଖଇରା, ୨୩/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଐତିହାସିକ ପତିରାଜପୁର ମେଳା ପଡିଆରେ ୨ଦିନିଆ ଦେୟମୁକ୍ତ ଇଲେକ୍ଟ୍ରୋ ହୋମିଓ ପାଥି ଚିକିତ୍ସାଶିବିର ରବିବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥିକ ଚିକିତ୍ସକ ସଂଘ ଓ ଡୁଙ୍ଗୁରା ଆରୋଗ୍ୟ କ୍ଲିନିକର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଶିବିରକୁ ଡୁଙ୍ଗୁରା ରାଜସ୍ୱ ନିରିକ୍ଷକ ସଞ୍ଜୟ କୁମାର ପଣ୍ଡା, ସରପଞ୍ଚ ପ୍ରତିନିଧି ରମେଶ ଚନ୍ଦ୍ର ଘଡେଇ,ବିଶିଷ୍ଟ ଇଲେକ୍ଟ୍ରୋପାଥି ଚିକିତ୍ସକ ଡା ପର୍ଶୁରାମ ଖଟୁଆ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ । ମେଳା କମିଟି ସଭାପତି ପିତାମ୍ବର ପଟ୍ଟନାୟକ ଓ ସମ୍ପାଦକ ଭରତ ଚନ୍ଦ୍ର ରାଉତଙ୍କ ପରାମର୍ଶ କ୍ରମେ ଆୟୋଜିତ ଶିବିରରେ ବରିଷ୍ଠ ସଭ୍ୟ ଭୀଷ୍ମଚରଣ ନାୟକ, କ୍ଷେତ୍ରମୋହନ ଖଟୁଆ ଓ ପ୍ରଦୀପ କୁମାର ସାମଲ, ସମାଜସେବୀ ମରୁତ ସ୍ୱାଇଁ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା ସରୋଜ କୁମାର ମହାନ୍ତି,ଡା ମନୋଜ ମହଲା ପ୍ରମୁଖ ଆସିଥିବା ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଆରୋଗ୍ୟ କ୍ଲିନକର ଡା ଉପେନ୍ଦ୍ର ଖଟୁଆ ଶିବିରର ସଂଯୋଜନା କରିଥିବା ବେଳେ ସତ୍ୟମ ସାଧୁଆ, ପଲ୍ଲବୀ ଦାସ ଓ ଶିବାନୀ ସାହୁଙ୍କ ଦ୍ୱାରା ଔଷଧ ବିତରଣ କରାଯାଇଥିଲା ।

# ପ୍ରବାସୀ ମୁମ୍ବାଇରେ ବିଶ୍ୱ କବିତା ଦିବସ ପାଳିତ

ମୁମ୍ବାଇ , ୨୩/୩ (ନି.ପ୍ର): ସନାତନ ମହାକୁଡ଼ ।ମାର୍ଚ୍ଚ ୨୧ତାରିଖ, ଶୁକ୍ରବାର ଦିନ ସଂଧ୍ୟାରେ ପ୍ରବାସୀ ଉତ୍କଳ ସାହିତ୍ୟ ସଂସ୍ଥା ମୁମ୍ବାଇ ପକ୍ଷରୁ ବିଶ୍ୱ କବିତା ଦିବସ ଅବସର ରେ ଶ୍ରୀରାଧାର ସାରସ୍ୱତ ସ୍ରଷ୍ଟା, ପଦ୍ମ ଭୂଷଣ ସ୍ୱର୍ଗତ ରମାକାନ୍ତ ରଥ ଙ୍କୁ ଶବ୍ଦରେ ଶବ୍ଦରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।ଏହି ଅବସରରେ ବିଶିଷ୍ଟ ସାହିତ୍ୟିକା ବିଜୟ ଲକ୍ଷ୍ମୀ ପଟ୍ଟନାୟକ ଯୋଗ ଦେଇ ସ୍ୱର୍ଗତ ରଥଙ୍କ ଜୀବନୀ ଓ ସୁଦୀର୍ଘ ସାରସ୍ୱତ ସାଧନା ଉପରେ ଗଭୀର ଆଲୋଚନା କରିଥିଲେ। ବହୁତ ଭାଷା ଉପରେ ଗବେଷଣାରତ ଡ଼କ୍ଟର ଦେବାଶିଷ ମହାପାତ୍ର କହିଥିଲେ ଯେ ରମାକାନ୍ତ ରଥଙ୍କ କବିତାରେ ଭାବ, ଭାଷା, ଶୈଳୀ, ଶୀର୍ଷକ ଅତ୍ୟନ୍ତ ମଧୁର ଥିଲା ।ଲୋକନାଥ ମହାବିଦ୍ୟାଳୟ ର ସାହିତ୍ୟ ବିଭାଗ ମୁଖ୍ୟ ଅଧାପିକା ଡ଼କ୍ଟର ବିଚିତ୍ରା ମଞ୍ଜରୀ ତ୍ରିପାଠୀ ଯୋଗ ଦେଇ କବିତାର ଦୃଷ୍ଟି, କବିତାର ଦିଗନ୍ତ, କବିତାର ସ୍ଥିତି, କବିତାର ବୃତ୍ତି ପ୍ରବୃତ୍ତି ଭିତରେ କବିତାର ସଂଜ୍ଞା ନିରୂପଣ କରିବା କାଠିକାର ପାଠ ବୋଲି କହିଥିଲେ। ବିଶିଷ୍ଟ ଗାଳ୍ପିକା ପାରମିତା ଷଡ଼ଙ୍ଗୀ ଙ୍କୁ ମହାରାଷ୍ଟ୍ର ହିନ୍ଦୀ ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା କରିଥିବାରୁ ପ୍ରବାସୀ ସାହିତ୍ୟ ତରଫରୁ ତାଙ୍କୁ ଶୁଭେଚ୍ଛା ଦିଆଯାଇଥିଲା । ବନ୍ଦନା ସାହୁ ଭଜନ ପରିବେଷଣ କରିଥିଲେ। ମୈତ୍ରେୟୀ କମିଳା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ମହୁଆ କୁଣ୍ଡୁ ରବୀନ୍ଦ୍ର ସଂଗୀତ ପରିବେଷଣ କରିଥିଲେ ।ଡ଼କ୍ଟର ଅରୁନ୍ଧତୀ ମହାନ୍ତି, ଚନ୍ଦ୍ରା ମିଶ୍ର, ମନୋରମା ମିଶ୍ର, ଅମ୍ବିକା ସ୍ୱାଇଁ, ସଂଘମିତ୍ରା ସେନା, ଡ଼କ୍ଟର ବାମନ ଦୀକ୍ଷିତ, ବିଷ୍ଣୁ ପାଢ଼ୀ, ଡ଼କ୍ଟର ଚିତ୍ତରଞ୍ଜନ କୁଣ୍ଡୁ, ଡ଼କ୍ଟର ପ୍ରବୀଣାପରିଡା, ପାରମିତା ଷଡ଼ଙ୍ଗୀ,ଆରତୀ ସାହୁ, ମଞ୍ଜୁଲତା ସିଂହ, ଗୀତାଞ୍ଜଳି ସ୍ୱାଇଁ, ବୀଣାପାଣି ଚୌଧୁରୀ, ଗୀତା ଷଡ଼ଙ୍ଗୀ, ପ୍ରଭାତ ଆଚାର୍ଯ୍ୟ, ପୁଷ୍ପାଞ୍ଜଳି ପତ୍ରୀ ବିଭିନ୍ନ ଭାଷାରେ କବିତା ପାଠ କରିଥିଲେ ।ରଶ୍ମି ମହାପାତ୍ର, ଅରୁଣ ମହାପାତ୍ର, କଳ୍ପନା ମିଶ୍ର, କାହ୍ନୁ ସାହୁ, ରବୀନ୍ଦ୍ର କୁମାର ମହାନ୍ତି ଓ ସନାତନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ମନ୍ତେଇ ମହୋତ୍ସବର ସ୍ୱତନ୍ତ୍ର ସାହିତ୍ୟ ପର୍ବ ଉଦ୍‌ଘାଟିତ



ବାସୁଦେବପୁର, ୨୩/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘର ପୋଖରୀ ଠାରେ ଦ୍ୱିତୀୟ ମନ୍ତେଇ ମହୋତ୍ସବର ସ୍ୱତନ୍ତ୍ର ସାହିତ୍ୟ ପର୍ବ ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ ପ୍ରଥମ ଅଧିବେଶନରେ ଯୋଗ ଦେଇଥିଲେ ବିଶିଷ୍ଟ ସାହିତ୍ୟିକ ପବିତ୍ର ପାଣିଗ୍ରାହୀ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ନାଟ୍ୟକାର ବିଜୟ ଦାସ, କବି ପୀତାମ୍ବର ତରାଇ ଓ ମନ୍ତେଇ ମହୋତ୍ସବର ଉପଦେଷ୍ଟା ଅସିତ୍ ମୋହନ ନାୟକ। ନଦୀ, ସମୁଦ୍ର,ଗାଁ, ମାଆ, ମାଟି, ମାତୃଭାଷା, ଐତିହ୍ୟ ପରମ୍ପରା ସଂସ୍କୃତି ଉପରେ ଅତିଥି ମାନେ ଆଲୋଚନା କରିବା ସହିତ ମନ୍ତେଇ ନଦୀର ଆକର୍ଷଣ ଓ ସୌନ୍ଦର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେ ଚନ୍ଦ୍ରଭାଗାର ସମ୍ପାଦକ କବି ଶ୍ରୀଦେବ, କବି ସୁଚିତ୍ରା ପାଣିଗ୍ରାହୀ, ଅଧ୍ୟାପକ ବିଶ୍ୱ ରଞ୍ଜନ ଦାସ, କବି କିଶୋର ପାଣିଗ୍ରାହୀ ଓ ସାହିତ୍ୟିକ ଶିଶିର ବେହେରା । ତୃତୀୟ ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର, କବି ରକ୍ଷକ ନାୟକ, କବି ଅଶୋକ କୁମାର ସିଂହ, କାଦମ୍ବିନୀର ସହ ସମ୍ପାଦକ ଅମିତାଭ ଖିଲାର, ଅଧାପିକା ସଂଯୁକ୍ତା ଭାରତୀ ଓ କବି ବିପ୍ଳବ ରଞ୍ଜନ ପତି। ଏହି ଅବସରରେ ଦୈନିକ ସକାଳର ପ୍ରକାଶକ ଅମିତ୍ ମଲ୍ଲିକ, ଡକ୍ଟର ଦେବେନ୍ଦ୍ର ମାଝି ଓ ଚଳଚ୍ଚିତ୍ର ପ୍ରଯୋଜକ ଅଜୟ ରାଉତ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । କବିତା ପାଠ ଉତ୍ସବ ରେ ସଂଯୋଜନା କରିଥିଲେ କବି ସୁଚରିତା ମହାନ୍ତି, ରଙ୍ଗ ରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, କବି ପ୍ରଭାତୀ ମାଝି ଓ କବି ମନିଷା ବିଶ୍ୱାଳ। ଏହି ଉତ୍ସବରେ ଅତିଥି ଲେଖକ ଭାବେ ଯୋଗ ଦେଇଥିଲେ ଶିଶୁ ସାହିତ୍ୟିକ ବାଇଧର ନାୟକ,ଗାଳ୍ପିକ ସୌମ୍ୟଶ୍ରୀ ପାଣିଗ୍ରାହୀ, କବି ମନୋଜ ଭଳ,କବି ରବି କୁମାର ମହାନ୍ତି, ଗାଳ୍ପିକ କୈଳାସ ବେହେରା, କବି ମନୋରଞ୍ଜନ ମୁଦୁଲି, କବି ବିକାଶ ଶତପଥୀ, ଦେବେନ୍ଦ୍ର ମହାଳିକ, ଭାସ୍କର ବାରିକ, ସୁବ୍ରତ ମିଶ୍ର, ସୁବାସ ମହାନ୍ତି, କବି ଇଂ ଅରୁଣ ପଣ୍ଡା, ରାମକୃଷ୍ଣ ବାରିକ୍, ସନ୍ଦିପ୍ତ ମହାପାତ୍ର, ଶ୍ରୀକାନ୍ତ ମହାଳିକ, ପ୍ରଦୀପ ବନ୍ଧ, କେଶବ ଚନ୍ଦ୍ର ଦଳାଇ । ବହୁ ସଂଖ୍ୟାରେ କବି ବନ୍ଧୁ କବିତା ପାଠ କରିଥିଲେ। ମନ୍ତେଇ ମହୋତ୍ସବର ସମ୍ପାଦକ କବି ଶ୍ରୀ ଗୋବିନ୍ଦ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଓ ଟାଇମ୍ ପାସର ନିର୍ଦ୍ଦେଶକ କବି ସରୋଜ ବଳ ମଞ୍ଚ ସଂଯୋଜନା କରିଥିଲେ। କବି ରଶ୍ମି ରଞ୍ଜନ ରାଉତ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅତିଥି ଓ ଅତିଥି ଲେଖକ ଙ୍କୁ ଏହି ଅବସରରେ ସ୍ମୃତି ଫଳକ, ଉପଢ଼ୌକନ ଓ କପ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ପୁର୍ବତନ ରାଜ୍ୟ ସଭାପତି ଓ ପୁର୍ବତନ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଡ଼ାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା




ବାଲେଶ୍ୱର, ୨୩/୩ (ନି.ପ୍ର): ଆଜି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ପୁର୍ବତନ ରାଜ୍ୟ ସଭାପତି ଓ ପୁର୍ବତନ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଡ଼ାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ଚାରଣ କରାଯିବା ସହିତ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହିତ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଡ଼ାକ୍ତର ଦେବେନ୍ଦ୍ର ପ୍ରଧାନ ଜଣେ ସୁନାମଧନ୍ୟ ଡ଼ାକ୍ତର ଭାବେ ଖ୍ୟାତି ଅର୍ଜନ କରିଥିଲେ, ତାଙ୍କ ରାଜନୈତିକ ଜୀବନ ୧୯୮୦-୮୩ ତାଲଚେର ମଣ୍ଡଳ ସଭାପତି ଭାବେ କାର୍ଯ୍ୟ ଆରମ୍ଭ କରି ୧୯୮୩-୮୮ ଢେଙ୍କାନାଳ ଜିଲ୍ଲାର ବିଜେପି ସଭାପତି, ୧୯୮୮-୧୯୯୩ ବିଜେପି ରାଜ୍ୟ ସଭାପତି, ୧୯୯୩-୧୯୯୫ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ, ପୁଣିଥରେ ୧୯୯୫-୧୯୯୭ ଓଡ଼ିଶା ବିଜେପି ରାଜ୍ୟ ସଭାପତି, ୧୯୯୭-୧୯୯୮ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ, ବିଜେପି, ୧୯୯୮-୧୯୯୯ ଦେବଗଡ଼ ଲୋକସଭା ସାଂସଦ, ୧୯୯୮-୧୯୯୯ କେନ୍ଦ୍ର ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ, ୧୯୯୯-୨୦୦୪ ଦେବଗଡ଼ ଲୋକସଭା ସାଂସଦ, ୧୯୯୯-୨୦୦୧ କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ କୃଷି ରାଷ୍ଟ୍ରମନ୍ତ୍ରୀ ଓ ୨୦୦୧-୨୦୦୨ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ ସଫଳତାର ସୋପାନ ଅତିକ୍ରାନ୍ତ କରିଥିଲେ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା, ସଦର ବିଧାୟକ ମାନସ କୁମାର ଦତ୍ତ, ପୁର୍ବତନ ଜିଲ୍ଲା ସଭାପତି ଜୀବନ ପ୍ରଦୀପ ଦାଶ, ପୁର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ , ପୁର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ପ୍ରଦେଶ ବରିଷ୍ଠ ମହିଳା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ସିମୁଳିଆ ବ୍ଲକ୍ ଚେୟାରମେନ ବାବାଜୀ ଚରଣ ମଲ୍ଲିକ, ନିଳଗିରି ଏନଏସି ଚେୟାରମେନ ମହେନ୍ଦ୍ରନାଥ ବେହେରା, ବରିଷ୍ଠ ଆଇନଜୀବି ହରେକୃଷ୍ଣ ଦାଶ, ବୈରାଗୀ ଚରଣ ବେହେରା, ପ୍ରବୀର ଶଙ୍କର ଦାଶ, ନଳୀନୀକାନ୍ତ ମହାପାତ୍ର, ବିଭୁପଦ ଦାସ, ଶଶୀକାନ୍ତ ମିଶ୍ର, ମମତା ମହାପାତ୍ର, ପ୍ରଭୃତି ବକ୍ତା ତାଙ୍କ ସ୍ମୃତି ଚାରଣ କରି ତାଙ୍କ ସାମାଜିକ ଜୀବନ, ରାଜନୈତିକ ଜୀବନ, ଦୁର୍ଦ୍ଦିନରେ ରାଜ୍ୟ ବିଜେପିର ପୁନରୁତ୍ଥାନ, ସାଂଗଠନିକ ଦକ୍ଷତା, କର୍ମୀ ବତ୍ସଳ ଆଚରଣ ବିଷୟରେ ନିଜ ନିଜର ଅନୁଭୂତି ବଖାଣି ଥିଲେ। ଶେଷରେ ଜିଲ୍ଲାର ବରିଷ୍ଠ ନେତା ପର୍ଶୁରାମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଡ଼ାକ୍ତରଖାନାରେ ଡାକ୍ତରଙ୍କ ବ୍ୟାଗ ଚୋରି

ବେତନଟୀ, ୨୩/୩ (ନି.ପ୍ର): ବେତନଟୀ ଡାକ୍ତରଖାନାରେ କାର୍ଯ୍ୟରତ ଜନୈକ ଡାକ୍ତରଙ୍କ ବ୍ୟାଗକୁ ଚୋରି କରିନେଇ ଚମ୍ପଟ ମାରିଛି । ଏତଲାକାରୀ ଡ. ଆକାଶ ସାନ୍ତରାଙ୍କ ଅଭିଯୋଗ ମୁତାବକ ଶବବ୍ୟବଚ୍ଛେଦ କାର୍ଯ୍ୟରେ ବ୍ୟସ୍ତ ରହିଥ?ବା ବେଳେ ତାଙ୍କର ଜରୁରୀକାଳୀନ କକ୍ଷରେ ବ୍ୟାଗ ଏବଂ ଆସବାବପତ୍ର ଭର୍ତ୍ତି ବ୍ୟାଗ ରହିଥିଲା। ତେବେ ଶବବ୍ୟବଚ୍ଛେଦ ପାଇଁ ତରବରିଆ ଭାବେ ପଳାଇ ଯାଇଥିବାରୁ ବ୍ୟସ୍ତତାରେ ରୁମରେ ଚାବି ମାରିବାକୁ ଭୁଲିଯାଇଥିଲେ । ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ତାଙ୍କର ବ୍ୟଗ ଚୋରିକରିନେଇ ଚମ୍ପଟ ମାରିଥିଲା । ଡ. ଆକାଶ ସାନ୍ତରାଙ୍କ ଅଭିଯୋଗ ମୁତାବକ ଉକ୍ତ ବ୍ୟାଗରେ ତାଙ୍କର ମନିପର୍ସ ଯେଉଁଥିରେ ୩ ହଜାରଟଙ୍କା ଥିଲା, ମୋବାଇଲ ଚାର୍ଜର ସମେତ ନିଜର ବ୍ୟବହାର ସାମଗ୍ରୀ ରହିଥିଲା । ଶବବ୍ୟବଚ୍ଛେଦ ସାରି ଫେରିବାପରେ ନିଜର ଆସବାବପତ୍ର ବ୍ୟାଗ ନପାଇ ଖୋଜାଖୋଜି କରିଥିଲେ ସୁଦ୍ଧା ବ୍ୟାଗ ମିଳିପାରିନଥିଲା । ଶେଷରେ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିବାପରେ ବେତନଟୀ ପୁଲିସ ୮୫/୨୫ ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida